

ପରର ମଙ୍ଗଳ କରିବା ସବୁଠାରୁ ବଡ଼ ଧର୍ମ। ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ଼ ପାପ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଅନଲାଇନ ବ୍ୟବସାୟ ବିରୋଧରେ ଆନ୍ଦୋଳନ
## ଦିଲ୍ଲୀ ଅଭିମୁଖେ ଜିଲାର ୩୦ ବ୍ୟବସାୟୀ

**ଯାଜପୁର ଅଫିସ,୬।୧:** ସଂପ୍ରତି ଅନଲାଇନ ବ୍ୟବସାୟ ଦୋକାନୀଙ୍କୁ କ୍ଷତି ପହଞ୍ଚାଉଛି। କେତେଜଣ ବ୍ୟବସାୟୀଙ୍କ ଦୋକାନ ବନ୍ଦ ହେବାକୁ ବସିଲାଣି। ତେଣୁ ପ୍ରଭାବିତ ବେପାରୀମାନେ ସଂଗଠିତ ହୋଇ ଦିଲ୍ଲୀ ଅଭିମୁଖେ ଆନ୍ଦୋଳନ ପାଇଁ ବାହାରିଛନ୍ତି। ଏହି ଅନ୍‌ଲାଇନ୍ ବେପାରକୁ ପ୍ରତିବାଦ କରି 'ଆମ ସଂଗଠନ' ପକ୍ଷରୁ ସାରା ଦେଶରେ ୮ତାରିଖ ବୁଧବାର ୪୦ହଜାରରୁ ଉର୍ଦ୍ଧ୍ୱ ମୋବାଇଲ୍ ବ୍ୟବସାୟୀଙ୍କୁ ନେଇ ଦିଲ୍ଲୀର ରାମ୍‌ଲୀଳା ମଇଦାନ୍‌ରେ ବଡ଼ ପ୍ରତିବାଦ ସଭା ହେବାକୁ ଯାଉଛି। ଏହି ଆନ୍ଦୋଳନରେ ଯୋଗଦେବା ପାଇଁ ଯାଜପୁର ଜିଲାର ଗୌରହରି ଦାସଙ୍କ ତତ୍ତ୍ୱାବଧାନରେ ଯାଜପୁର ରୋଡ଼, ଚଣ୍ଡିଖୋଲ ଓ ଯାଜପୁରର ୩୦ଜଣ ମୋବାଇଲ ଦୋକାନୀ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଜଣେ ଲୋକ ଘରେ ବସି ମୋବାଇଲ୍ କିମ୍ବା ସିଷ୍ଟମରୁ କୌଣସି ବି ଜିନିଷ ଅନଲାଇନ୍‌ରେ ଅର୍ଡ଼ର କରି ମଗାଇ ପାରୁଛି। ଉକ୍ତ ଦ୍ରବ୍ୟକୁ ବେପାର କରିବା ପାଇଁ ଦୋକାନୀମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଦୋକାନରେ କର୍ମଚାରୀ ରଖି କ୍ଷତି ସହୁଛନ୍ତି। ଦୋକାନରେ ବେପାର ନାହିଁ। ତେଣୁ ଦୋକାନୀମାନେ ଦିଲ୍ଲୀ ଅଭିମୁଖେ ଯାତ୍ରା କରି ଆନ୍ଦୋଳନରେ ଯୋଗଦେବାକୁ ମନସ୍ଥ କରିଥିବା ସୂଚନା ଦେଇଛନ୍ତି।

## ୟୁକୋ ବ୍ୟାଙ୍କର ୭୭ତମ ପ୍ରତିଷ୍ଠା ଦିବସ

ଧର୍ମଶାଳା,୬।୧(ଡିଏନ୍ଏ)- ୟୁକୋ ବ୍ୟାଙ୍କର ୭୭ତମ ପ୍ରତିଷ୍ଠା ଦିବସ ୟୁକୋ ବ୍ୟାଙ୍କ ପରିସରରେ ଜାରକାଠାରେ ସୋମବାର ଶାଖା ପରିଚାଳକ ସୋମନାଥ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ପରିଚାଳକ ସେଠୀ ବ୍ୟାଙ୍କର ଗ୍ରାହକ ସଂଖ୍ୟା ୩୫,୪୦୦ରେ ପହଞ୍ଚିଥିବାବେଳେ ୨୦୯ କୋଟି ଟଙ୍କା ଜମାରାଶି ସଂଗୃହୀତ ହୋଇଛି ବୋଲି ସୂଚନା ଦେଇଥିଲେ। ୧୨୦୮ ଜମାକାରୀ ୧୨କୋଟି ୯୦ ଲକ୍ଷ ଟଙ୍କା ଜମାକରିଥିଲାବେଳେ ୧୩୦୬ଜଣ ସ୍ଥାୟୀ ଜମାକାରୀ ୯୦ କୋଟି ୫୫ଲକ୍ଷ ଟଙ୍କା ଜମା କରିଛନ୍ତି। ୨୨୫୦ ଜଣଙ୍କୁ ୩୩କୋଟି ୪୨ ଲକ୍ଷ ଟଙ୍କା ଋଣ ଆକାରରେ ପ୍ରଦାନ କରାଯାଇଛି। ୯୧୨ଜଣଙ୍କୁ ୪କୋଟି ୧୫ଲକ୍ଷ ଟଙ୍କା କୃଷି ଋଣ ଓ ୩୦ଜଣ ଛାତ୍ରଙ୍କୁ ଉଚ୍ଚ ଶିକ୍ଷା ପାଇଁ ୮୫ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। ଏଥିରେ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରୀ ସଭାପତି କ୍ୟାପ୍ଟେନ୍ ତ୍ରିଲୋଚନ ବିଶ୍ୱାଳ, ପ୍ରେସକ୍ଲବ ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ଧର୍ମଶାଳା ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା,ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ଜଳଧର ସାହୁ,ଧର୍ମଶାଳା ବାଣୀପୀଠ ପ୍ରଧାନ ଶିକ୍ଷକ ନିରୋଜ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ୟୁକୋ ବ୍ୟାଙ୍କରେ ଗ୍ରାହକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ ଶାଖା ପରିଚାଳକ ଧନ୍ୟବାଦ ଅର୍ପଣ କରିଥିବାବେଳେ ବରିଷ୍ଠ ଅଧିକାରୀ ସୌମ୍ୟା ସୁଚରିତା ପଟ୍ଟନାୟକ ଉତ୍ସବ ପରିଚାଳନା କରିଥିଲେ।

### ମାର୍କଣ୍ଡପୁର ପରେ ମହୀଶରା ପ୍ୟାକ୍ସ
# କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ଅଭିଯୋଗ

**ଯାଜପୁର ଅଫିସ,୬।୧**

ଯାଜପୁର ଜିଲାର ମାର୍କଣ୍ଡପୁର ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ)ରେ ଆର୍ଥିକ ହେରାଫେରି ଉପରେ ପର୍ଦ୍ଦାଫାସ ହେବା ପରେ ଏବେ ମହିସରା ପ୍ୟାକ୍ସରେ କୋଟି କୋଟି ଟଙ୍କାର ଅର୍ଥ ଆତ୍ମସାତ ହୋଇଥିବା ଅଭିଯୋଗ ଉଠିଛି। ଏହି ଅଭିଯୋଗ ଉପରେ ରାଜ୍ୟ ସମବାୟ ସମିତିର ଉପନିବନ୍ଧକ ୧୫ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ କଟକ ଡିଭିଜନ-୨ର ଉପନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗରେ ୧ କୋଟିରୁ ଉର୍ଦ୍ଧ୍ୱ କୃଷି ଋଣ ଟଙ୍କା ହଡ଼ପ କରାଯାଇ ବାରିପଦାରେ ଲୁଗା ଦୋକାନ କରିବା, ୨୦୧୬-୧୭ର ତୋଷରପାତ ହୋଇଥିବା ୧୫,୪୧,୧୯୫ ଟଙ୍କା ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା ଏବଂ ଅଧିକ ଅନୁସନ୍ଧାନ ପାଇଁ ୨୦୧୦-୧୧ଠାରୁ ୨୦୧୫-୧୬ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଡିଟ କରିବା ସମ୍ପର୍କରେ ଦର୍ଶାଯାଇଛି।

ଯାଜପୁର ଜିଲା ଧର୍ମଶାଳା ବ୍ଲକର ମହିଶରା ପ୍ରାଥମିକ କୃଷି ସମବାୟ ସମିତି ଲିଃରେ ୨୦୧୬-୧୭ ବର୍ଷର ଅଡିଟ ରିପୋର୍ଟରେ ୧୫,୪୧,୧୯୫ ଟଙ୍କା ତୋଷରପାତ କରାଯାଇଥିବା ଜଣାପଡିଥିଲା। ତେବେ ଉକ୍ତ ଟଙ୍କା ଆଦାୟ ହୋଇନାହିଁ କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହି ଅଭିଯୋଗରେ ଆହୁରି ଉଲ୍ଲେଖ ରହିଛି ଯେ, କୋଟିକୋଟି ଟଙ୍କାର ତୋଷରପାତକୁ ମିଳିମିଶି ଚପାଇ ଦିଆଯାଇଛି। ନିବନ୍ଧକ ସମବାୟ ସମିତିଙ୍କ ପତ୍ରସଂଖ୍ୟା ୭୮୩୪/୨୫।୪।୨୦୦୫ର ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରାଯାଇଛି। ୨୦୧୦-୧୧ ବର୍ଷଠାରୁ ମନଇଚ୍ଛା ଖର୍ଚ୍ଚ ଓ ରେକର୍ଡପତ୍ରରେ କାରସାଦି କରି ତୋଷରପାତ କରାଯିବା

### ୧୫ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

ଫଳରେ ମାତ୍ର ୬ବର୍ଷ ମଧ୍ୟରେ ୫୦ଲକ୍ଷ ୮୭ ହଜାର ଟଙ୍କା କ୍ଷତି ହୋଇଛି। ଏହାସହ ସମିତିରେ ୧କୋଟି ୩୪ଲକ୍ଷ ୪୯ହଜାର ୯୧୯ ଟଙ୍କାର କ୍ଷତି ହୋଇଥିବା ଅଡିଟ ରିପୋର୍ଟରେ ସୂଚନା ମିଳିଛି। ସ୍ୱଳ୍ପମିଆଦି କୃଷି ଋଣ ଟଙ୍କା ଲଗାଣରୁ ପ୍ରାୟ ୧କୋଟିରୁ ଉର୍ଦ୍ଧ୍ୱ କୃଷିଋଣ ହଡ଼ପ କରାଯାଇଛି। ଏନେଇ ପୂର୍ବରୁ ୫ରୁ ଉର୍ଦ୍ଧ୍ୱ ଥର ତଦନ୍ତ ନିର୍ଦ୍ଦେଶ ହୋଇଥିଲେ ହେଁ କୌଣସି ତଦନ୍ତ କରାଯାଇ ନାହିଁ। ଗତ ୨୩।୧।୨୦୧୮ ତାରିଖରେ ୧୫ଜଣ ଚାଷୀଙ୍କ ନାମରେ ପ୍ରାୟ ୨ଲକ୍ଷ ଟଙ୍କା ଲେଖାଏଁ ଚିବି ଋଣ ମଞ୍ଜୁର କରାଯାଇଛି। ପାହାଡ଼ିଆ ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବାରୁ କିପରି ଏହି ଚାଷୀଙ୍କ ନାମରେ ଋଣ ମଞ୍ଜୁର ହୋଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହି ଚାଷୀମାନଙ୍କ ନାମରେ ଆବଶ୍ୟକ ଜମି ରହିଛି କି ନାହିଁ ତାହା ତଦନ୍ତ ସାପେକ୍ଷ। କେତେକ ଭାଗଚାଷୀ ଗୋଷ୍ଠୀଙ୍କ ନାମରେ ୨୦୧୬ ଅଗଷ୍ଟରେ ୧ଲକ୍ଷ ୧୦ହଜାର ଟଙ୍କା ଲେଖାଏଁ ଋଣ ମଞ୍ଜୁର ହୋଇଛି। ଏମାନେ ଖିଲାପି ହୋଇଥିବାବେଳେ ପୁଣି ୨ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଋଣ କିପରି ପ୍ରଦାନ କରାଯାଇଛି ତାହା ତଦନ୍ତ ସାପେକ୍ଷ। ଏହାସହ ଏକାଧିକ ଅନିୟମିତତା ହୋଇଥିବା ମହିଶରା ପ୍ୟାକ୍ସର ସଭ୍ୟ ବଟକୃଷ୍ଣ ଜେନା ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଗତ ଜୁନରେ ଏହି ଅଭିଯୋଗ ସଂକ୍ରାନ୍ତରେ ଭିଜିଲାନ୍ସ ଡିଏସପି ବନମାଳୀ ଧଳଙ୍କ ନେତୃତ୍ୱରେ ଚଢାଉ କରାଯାଇ ବିଭିନ୍ନ କାଗଜପତ୍ର ଜବତ ହୋଇଥିଲା। ରାଜ୍ୟ ସେବା ସମବାୟ ସମିତିର ଉପନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୮୮୫୭/୩।୫।୨୦୧୮ରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକଙ୍କୁ ତଦନ୍ତ କରି ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହାକି ଆଜିପର୍ଯ୍ୟନ୍ତ କୌଣସି ବିଭାଗୀୟ ତଦନ୍ତ କରା ନ ଯାଇ ମାମଲା ରଫାଦଫା କରିବାକୁ ଉଦ୍ୟମ ହେଉଥିବା ଜେନା ଅଭିଯୋଗ ଆଣିଛନ୍ତି। ଏହି ମର୍ମରେ ରାଜ୍ୟ ସମବାୟ ସମିତିର ଉପନିବନ୍ଧକ ତାଙ୍କ ପତ୍ରସଂଖ୍ୟା ୨୬୦/୩।୧।୨୦୨୦ରେ ପୁଣି ତଦନ୍ତ କରି ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଏଆର୍‌ସିଏସ୍ ଶରତ ମଲ୍ଲିକଙ୍କୁ ପଚରିବାରେ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅଭିଯୋଗ ଅନୁଯାୟୀ, ତଦନ୍ତ କରିବା ପରେ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଛନ୍ତି।

### ପ୍ରକାଶ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ
## କପାଷ୍ଟିକିରି, ରାଧାଦେଇପୁର ବିଜୟୀ

**ଛତିଆ,୬।୧(ଡିଏନ୍ଏ)**

ଛତିଆ ନିକଟସ୍ଥ ଛେଦା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଛେଦା ପଡ଼ିଆରେ ଚାଲିଥିବା ପ୍ରକାଶ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟର ଦୁଇଟି ମ୍ୟାଚ୍ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ଟି ନାଲବେଗି ଓ କପାଷ୍ଟିକିରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନାଲବେଗି ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ୱିକେଟ ହରାଇ ୯୮ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ କପାଷ୍ଟିକିରି କ୍ଲବ୍ ୯ ଓଭର ୩ଟି ବଲ୍‌ରେ ୭ ୱିକେଟ ହରାଇ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ଟି ରାଧାଦେଇପୁର ଏବଂ ସିହା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରାଧାଦେଇପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୫ ୱିକେଟ୍ ହରାଇ ୧୨୦ ରନ୍ ସଂଗ୍ରହ କରିଥିଲା । ଜବାବରେ ସିହା କ୍ରିକେଟ ଟିମ୍ ୧୦ ଓଭରରେ ୯୫ ରନ୍ କରି ପରାଜିତ ହୋଇଥିଲା। ରମେଶ ଦାସ ଓ ଚିନ୍ମୟ ସ୍ୱାଇଁ ଖେଳ ପରିଚାଳନା କରିଥିବାବେଳେ, ଜ୍ଞାନରଞ୍ଜନ ବେହେରା, ପ୍ରଦୀପ୍ତ ସାମଲ ଧାରା ବିବରଣୀ ପ୍ରଦାନ କରିଥିଲେ।

### ମେଳା ପାଇଁ ସଜେଇ ହେଉଛି ବରୁଣେଶ୍ୱର ପୀଠ
## ଜାଗା ସଂରକ୍ଷଣ ପାଇଁ ବ୍ୟବସାୟୀଙ୍କ ଭିଡ଼

**ବିଞ୍ଝାରପୁର,୬।୧(ଡି.ଏନ.ଏ)**

ପ୍ରସିଦ୍ଧ ବରୁଣେଶ୍ୱର ମେଳା ଆଉ ମାତ୍ର ୮ ଦିନ ବାକି ରହିଛି। ମେଳା ସୁପରିଚାଳନା ପାଇଁ ଆୟୋଜକଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଚଳିତ ବର୍ଷ ମେଳା ପାଇଁ ବରୁଣେଶ୍ୱର ମନ୍ଦିରରେ ରଙ୍ଗ ଦେବାରୁ ଆରମ୍ଭ କରି ପୋଖରୀ ସଫା କରାଯାଇଛି। ସାହିତ୍ୟ ଅନୁଷ୍ଠାନ ଅଖିଳଚକ୍ର ତାର କାର୍ଯ୍ୟକ୍ରମ ସଫଳ କରିବା ପାଇଁ ଲାଗିପଡିଛି। ସେହିପରି ଅପେରା ଦଳଗୁଡ଼ିକ ବ୍ୟାନର, ହୋର୍ଡିଂ ଆଦି ପ୍ରସ୍ତୁତ କରି ବିଭନ୍ନ ବଜାରରେ ବିଜ୍ଞାପନ ଦେବା ଆରମ୍ଭ କରିଦେଇଥିଛନ୍ତି। ବରୁଣେଶ୍ୱର ପରିଚାଳନା କମିଟି ପକ୍ଷରୁ ବ୍ୟବସାୟୀଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ପାଇଁ ମେଳା ପରିଚାଳନା ଓ ବରୁଣେଶ୍ୱର ଉନ୍ନୟନ କମିଟି ପକ୍ଷରୁ ସ୍ଥାନ ବଣ୍ଟନ କାର୍ଯ୍ୟ ଆରମ୍ଭ କରାଯାଇଛି। ବରୁଣେଶ୍ୱର ମେଳାରେ ଦୋକାନ ଖୋଲିବା ପାଇଁ ଚାହୁଁଥିବା ବ୍ୟବସାୟୀମାନେ ସେମାନଙ୍କର ଭୂମି ସଂରକ୍ଷଣ କରିବାବେଳେ ପଞ୍ଚାୟତ ମେଳା ପରିଚାଳନା କମିଟି ନିକଟରେ ଆଧାରକାର୍ଡ



ବରୁଣେଶ୍ୱର ମେଳାରେ ସ୍ଥାନ ସଂରକ୍ଷଣ ପାଇଁ ବ୍ୟବସାୟୀମାନେ ଧାଡ଼ି ବାନ୍ଧିଛନ୍ତି।

ବାଧ୍ୟତାମୂଳକ କରାଯାଇଛି। ପୂର୍ବ ନିର୍ଦ୍ଧାରିତ ବିଜ୍ଞାପନ ଅନୁଯାୟୀ, ସୋମବାର ପୂର୍ବାହ୍ନରୁ ବରୁଣେଶ୍ୱର କଲ୍ୟାଣ ମଣ୍ଡପରେ ପଞ୍ଚାୟତ ମେଳା ପରିଚାଳନା କମିଟି ପକ୍ଷରୁ ୭ନଂ ରସିଦ କାଟି ନିଜ ବ୍ୟବସାୟ ପାଇଁ ସ୍ଥାନ ସଂରକ୍ଷଣ କରୁଥିବା ଦେଖାଯାଇଛି। ପଞ୍ଚାୟତ ମେଳା ପରିଚାଳନା କମିଟି ପକ୍ଷରୁ ସ୍କୋୟାର ଫୁଟ ୧୦ଟଙ୍କା ଆଦାୟ କରୁଥିବା ଜଣାପଡିଛି। ତେବେ ମେଳା ପଡିଆରେ ସ୍ଥାନ ସଂରକ୍ଷଣ ପାଇଁ ବ୍ୟବସାୟୀଙ୍କ ମଧ୍ୟରେ ଅହେତୁକ ଭିଡ ପରିଲକ୍ଷିତ ହେଉଛି। ଚଳିତ ବର୍ଷ ବରୁଣେଶ୍ୱର ମେଳା ପଡ଼ିଆ ସଂଲଗ୍ନ ବେସରକାରୀ ସ୍ଥାନଗୁଡ଼ିକରେ ଦୋକାନ ଦେଇଥିବା ବ୍ୟକ୍ତି ବିଶେଷଙ୍କଠାରୁ ମେଳା ପରିଚାଳନା କମିଟି ରାଜସ୍ୱ ଆଦାୟ କରିବ ବୋଲି ସୂଚନା ମିଳିଛି। ବର୍ଜ୍ୟବସ୍ତୁ ସୁପରିଚାଳନା ପାଇଁ ମେଳାରେ ଦୋକାନ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ନିଜ ଦୋକାନ ଓ ଅନୁଷ୍ଠାନ ସମ୍ମୁଖରେ ଡଷ୍ଟବିନ ଲଗାଇବା ପାଇଁ ପରିଚାଳନା କମିଟି ପକ୍ଷରୁ ବାଧ୍ୟତାମୂଳକ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଚଳିତବର୍ଷ ମେଳା ପଲିଥିନ ମୁକ୍ତ ହେବ ବୋଲି ସରପଞ୍ଚ ଦେବାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି।

## ଏସ୍‌ଏଚ୍‌ଜି ମଣ୍ଡିରେ ଧାନ ବିକିବାକୁ ଚାଷୀ ନାରାଜ

**ଯାଜପୁର ଟାଉନ,୬।୧(ଡିଏନଏ)**

ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ମଣ୍ଡିରେ ଧାନ ବିକ୍ରି କରିବାକୁ ଯୋଗାଣ ବିଭାଗ ଚାଷୀଙ୍କୁ ବାଧ୍ୟ କରୁଛି ବୋଲି ଦଶରଥପୁର ବ୍ଲକ ରାହାସୋଇ ଗ୍ରାମର ଚାଷୀମାନେ ଯାଜପୁର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ରାହାସୋଇ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର, ବୃନ୍ଦାବନପୁର, ରାହାସୋଇ, ସାଉଁଣିଆ, ଭେଲଙ୍ଗ ଇତ୍ୟାଦି ଗ୍ରାମର ଚାଷୀମାନେ ଦୀର୍ଘଦିନ ହେଲା ଗ୍ରାମନନ୍ଦିପୁର କୃଷି ସମବାୟ ସମିତି ମଣ୍ଡିରେ ଧାନ ବିକ୍ରି କରିଆସୁଥିଲେ। ଚାଷୀଙ୍କ ଅଭିଯୋଗ ମୁତାବକ, ସମବାୟ ସମିତି ଚାଷୀଙ୍କୁ ଋଣ ଯୋଗାଇ ଦେବାଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ସହଯୋଗ, ପରାମର୍ଶ ଦେଇଆସୁଥିବାବେଳେ ଏବେ ଯୋଗାଣ ବିଭାଗ ଅନଭିଜ୍ଞ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ହାତରେ ଉଦ୍ଦେଶ୍ୟମୂଳକଭାବେ ଧାନମଣ୍ଡିକୁ ଟେକି ଦେଇଛି। ଏଣେ ଚାଷୀମାନେ ନିଜ ସୁବିଧା ଅନୁସାରେ ଯେକୌଣସି ସରକାରୀ ମଣ୍ଡିରେ ଧାନ ବିକ୍ରି କରିବାର ବ୍ୟବସ୍ଥା ଥିଲେ ମଧ୍ୟ ଜିଲା ଯୋଗାଣ ବିଭାଗ କେଉଁ ଉଦ୍ଦେଶ୍ୟ ରଖି ଚାଷୀଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀରେ ଧାନ ବିକ୍ରି କରିବାକୁ ବାଧ୍ୟ କରୁଛନ୍ତି ବୋଲି ପ୍ରଶ୍ନ ଉଠାଇଛନ୍ତି। ସମସ୍ୟା ସମାଧାନ ନହେଲେ ବାଧ୍ୟ ହୋଇ ଆନ୍ଦୋଳନ ରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ସୁରେନ୍ଦ୍ର କୁମାର ରଥ, ଶଶାଙ୍କ ପଣ୍ଡା, ସୁଦାମ ମିଶ୍ର, ରାଜେନ୍ଦ୍ର ମହାଳିକ, କୁଳମଣି ପତି, ନାରାୟଣ ମହାଳିକ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସୋମବାର ଜିଲାପରିଷଦ ସଭାଗୃହଠାରେ ଚାଲିଥିବା ମିଳିତ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

### ବ୍ଲକସ୍ତରୀୟ କୃଷି ସୂଚନା ପରାମର୍ଶ କେନ୍ଦ୍ର ବୈଠକ
## ମାଛ, କୁକୁଡା, ଛତୁ ଚାଷ ଉପରେ ଗୁରୁତ୍ୱାରୋପ

**ରସୁଲପୁର,୬।୧(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ସହକାରୀ କୃଷି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ କୃଷି ସୂଚନା ପରାମର୍ଶ କେନ୍ଦ୍ର ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆତ୍ମାର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ କୃଷି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। କୃଷି ସୂଚନା ପରାମର୍ଶ କେନ୍ଦ୍ର ପକ୍ଷରୁ ଚାଷୀଙ୍କ ଉଦ୍ଦେଶ୍ୟରେ ଆସୁଥିବା ଅର୍ଥର ସୁବିନିଯୋଗ ଉପରେ ବିଶଦଭାବେ ବିଚାର ବିମର୍ଶ କରାଯାଇଥିଲା। ଏଥିରେ କୃଷି, ଉଦ୍ୟାନକୃଷି, ପ୍ରାଣୀ ସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ ଭଳି ୪ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କୃଷି ବିଭାଗ ପକ୍ଷରୁ ଅଗ୍ରଣୀ ଚାଷୀଙ୍କୁ ବାହାର ଜିଲାର ଅଗ୍ରଣୀ ଚାଷୀଙ୍କ କୃଷିକାର୍ଯ୍ୟ ଶୈଳୀ ସମ୍ପର୍କରେ ଅବଗତ କରାଇବା ପାଇଁ ବୁଲାଇ ନେବା (ଏକ୍ସପୋଜର ଭିଜିଟ୍)କୁ ପ୍ରସ୍ତାବ ରଖିଥିଲେ। ଏଥିସହ ବ୍ଲକ ଅଞ୍ଚଳରେ ଅଗ୍ରଣୀ ଛତୁ ଚାଷୀଙ୍କୁ ପ୍ରଶିକ୍ଷଣ, ମତ୍ସ୍ୟଚାଷ ଓ କୁକୁଡ଼ା ଚାଷ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯିବା ପାଇଁ ନିଷ୍ପତି ନିଆଯାଇଛି। ଆସନ୍ତା ୨୦ରୁ ୨୪ ତାରିଖ ମଧ୍ୟରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା କୃଷି ପ୍ରଦର୍ଶନୀ ମେଳାରେ ବ୍ଲକ ଅଞ୍ଚଳରୁ ୨୦୦ଜଣ ଅଗ୍ରଣୀ ଚାଷୀ ଯୋଗଦେବା ଉପରେ ଆଲୋଚନା କରାଯାଇଥିଲା। ଏସବୁ ସମ୍ପର୍କରେ ନିଷ୍ପତ୍ତି ନିଆଯିବା ସହ ସେହି ମୁତାବକ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟ ଆଗେଇ ନେବାକୁ ପରାମର୍ଶ ଦିଆଯାଇଥିଲା। ବୈଠକରେ ସହକାରୀ ପ୍ରାଣୀ ଚିକିତ୍ସାଧିକାରୀ ରଞ୍ଜନ କୁମାର ସେଠୀ, ବ୍ଲକ କୃଷି ବୈଷୟିକ ଅଧିକାରୀ ଶ୍ରୀନିବାସ ରାଉତରାଏ, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରିଣୀ ରୋଜାଲିନ୍ ସାହୁ, ରସୁଲପୁର ବ୍ଲକ ଉଦ୍ୟାନ କୃଷି ଅଧିକାରୀ ପ୍ରଭାସ ରଞ୍ଜନ ମଲିକ, ସହକାରୀ କୃଷି ବୈଷୟିକ ଅଧିକାରିଣୀ ଶର୍ମିଷ୍ଠା ପାଣିଗ୍ରାହୀ, ଅର୍ଣ୍ଣପୂର୍ଣ୍ଣା ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରସୁଲପୁର ବ୍ଲକ ଅଞ୍ଚଳର ୨୨ଜଣ ଅଗ୍ରଣୀ ଚାଷୀ ସଦସ୍ୟ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଚାଷୀ ଓ ଅଧିକାରୀମାନେ।

## ଦଶରଥପୁରରେ ଖୋଲିଲା ପ୍ରଥମ ଧାନ ମଣ୍ଡି

**ଦଶରଥପୁର,,୬।୧(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତ ଆନ୍ଦୋଳା ନାଗେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବ୍ଲକର ପ୍ରଥମ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ନାଗେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଏହି ଧାନମଣ୍ଡିକୁ ଜିଲା ମିଶନ ଶକ୍ତି ପ୍ରକଳ୍ପ ସଂଯୋଜିକା ସେଫାଳି ସ୍ୱାଗତିକା ମୁଖ୍ୟ ଅତିଥିଭାବେ ଯୋଗଦେଇ ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଚାଷୀଙ୍କଠାରୁ ୩ହଜାର କୁଇଣ୍ଟାଲ ଧାନକ୍ରୟ କରାଯିବାକୁ କରାଯିବାକୁ ସ୍ଥିର କରାଯାଇଛି। ପ୍ରଥମ ଦିନରେ ୬୬ ଜଣ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୧୬ଜଣ ଚାଷୀଙ୍କୁ ଟୋକନ ଦିଆଯାଇଥିବା ସହ ମୋଟ ୩ଶହ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ମଣ୍ଡିର ପରିଚାଳନା ଦାୟିତ୍ୱ ନେଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା ସ୍ମିତାରାଣୀ ପଣ୍ଡା ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ତଥା ଜିଲା ମିଶନ ଶକ୍ତି ସଂଯୋଜିକା ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାରେ ଯେପରି କୌଣସି ସମସ୍ୟାରେ ସମ୍ମୁଖୀନ ନ ହୁଏ ସେଥିପ୍ରତି ଉଚିତ୍ ଧ୍ୟାନ ଦେବାକୁ ମହିଳା ସଦସ୍ୟାଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦଶରଥପୁର ବ୍ଲକ୍ ମିଶନ ଶକ୍ତି ପ୍ରକଳ୍ପ ଅଧିକାରୀ ସଂଜୟ କୁମାର ମଲ୍ଲିକ, ଯାଜପୁର ବ୍ଲକ୍ ମିଶନ ଶକ୍ତି ପ୍ରକଳ୍ପ ସଂଯୋଜିକା ଗୀତାରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଦିବ୍ୟାଙ୍ଗ ମହିଳାଙ୍କୁ ପଡୋଶୀଙ୍କ ଆକ୍ରମଣ ଉଦ୍ୟମ
## ଲୋଡିଲେ ପୋଲିସର ସୁରକ୍ଷା

**ଯାଜପୁର ଟାଉନ,୬।୧(ଡିଏନଏ)**

ଯାଜପୁର ସଦର ଥାନା ଉଆଁଳକୂଳ ଗ୍ରାମର ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସ୍ତ୍ରୀ ବିଦ୍ୟୁଲତା ଦଳେଇ ଘର ନିର୍ମାଣ କରୁଥିବା ସମୟରେ ପଡୋଶୀମାନେ ତାଙ୍କ ଘର ତିଆରି କରାଇ ନ ଦେବା ପାଇଁ ଧମକ ଦେଇଆସୁଥିଲେ। ତେବେ ଗତ ୨ଦିନ ତଳେ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ ଉଦ୍ୟମ କରିଥିବା ବିଦ୍ୟୁଲତା ଅଭିଯୋଗ କରିଛନ୍ତି। ମହିଳାଙ୍କର ଘର ଖଣ୍ଡେ ନାହିଁ। ସରକାରଙ୍କଠାରୁ ପାଇଥିବା ଅନୁଦାନରେ ସେ ଏକ ଗୃହ ନିର୍ମାଣ କରୁଛନ୍ତି। ପୈତୃକ ସମ୍ପତ୍ତିରେ ଭାଗ ଅନୁଯାୟୀ ନିଜ ଜମିରେ ଘର ତିଆରି କରୁଥିବାବେଳେ ଗତ ଜୁନରେ ପଡୋଶୀ କପିଳ ଦଳେଇ, ନିଳମଣୀ ଦଳେଇ, ପ୍ରଦୀପ ଦଳେଇ, ଭିକାରୀ ଦଳେଇ, ସତ୍ୟ ଦଳେଇ, ଚିରଞ୍ଜିବି ଦଳେଇ, ବାବୁଲି ଦଳେଇ, ସୁଲୋଚନା ଦଳେଇ, ସସ୍ମିତା ଦଳେଇ, ଟିକିଲି ଦଳେଇ, ଅଞ୍ଜଳି ଦଳେଇ କୋହିଲି ଦଳେଇ ପ୍ରମୁଖ ତାଙ୍କୁ ଆକ୍ରମଣ କରିଥିଲେ। ମହିଳା ଜଣଙ୍କ ଏଥିରେ ଆହତ ହେବା ସହିତ ୩ ଝିଅ ମଧ୍ୟ ମାଡ଼ ଖାଇଥିଲେ। ସେମାନେ ମେଡିକାଲରେ ଚିକିତ୍ସିତ ହୋଇ ଫେରିଛନ୍ତି। ଏନେଇ ଗତ ଜୁନ ୩ରେ ସଦର ଥାନାରେ ଏକ ମାମଲା (ନଂ. ୧୬/୧୯) ରୁଜୁ ହୋଇଥିଲା। ଏବେ ମାମଲା ବିଚରାଧୀନ ରହିଛି। ଏବେ ପୁଣି ସମ୍ପୃକ୍ତ ଅଭିଯୁକ୍ତମାନେ ମହିଳା ଓ ତାଙ୍କ ପିଲାଙ୍କୁ ଆକ୍ରମଣ କରିବା ପାଇଁ ସଂଘବଦ୍ଧ ଭାବେ ଧମକ ଦେଇଥିବା ସେ ୬ତାରିଖ ସଦର ଥାନାରେ ଅଭିଯୋଗ କରିବା ସହିତ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ବିଦ୍ୟୁଲତା ଘର ନିର୍ମାଣ କରିବା ପାଇଁ ଚେଷ୍ଟା କରୁଥିଲା ବେଳେ ସେମାନେ କୌଣସି ମତେ ଘର କରାଇ ଦେଉ ନାହାନ୍ତି ଓ ତାଙ୍କ ପରିବାର ଲୋକଙ୍କ ଜୀବନ ପ୍ରତି ଭୟ ରହିଛି ବୋଲି ବିଦ୍ୟୁ ଜିଲାପାଳଙ୍କ ନିକଟରେ ପ୍ରକାଶ କରିଛନ୍ତି।

# ନୂଆ ପ୍ରଣାଳୀରେ ଚାଷ କରି ଚର୍ଚ୍ଚାରେ ପରମାନନ୍ଦ

**ରସୁଲପୁର,୬।୧(ଡିଏନଏ)**



### ସଫଳ ଚାଷୀଙ୍କ କାହାଣୀ
- ପୂର୍ବରୁ ଆଖୁ କିଆରୀରେ ଆଳୁଚାଷ କରି ଚର୍ଚ୍ଚାରେ ଥିଲେ
- ଚଳିତବର୍ଷ ମିଶ୍ରିତ ଚାଷ କରି ସଫଳ ହୋଇଛନ୍ତି
- କ୍ଷୟକ୍ଷତିର ସହାୟତା ରାଶି ଚାଷୀ ଠିକ୍ ଭାବେ ପାଉ ନ ଥିବାରୁ ଅସନ୍ତୁଷ୍ଟ

ପେସା ଆଉ ନିଶା ସବୁ କିଛି କୃଷି କାର୍ଯ୍ୟ ପାଇଁ ସମର୍ପିତ। ଜଣେ ଅଗ୍ରଣୀ ଚାଷୀ ଓ ଚାଷ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ଯାଜପୁର ଜିଲା ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ବିଲିପଡା ଗ୍ରାମର ପରମାନନ୍ଦ ଆଏଚ। ପ୍ରତ୍ୟେକ ବର୍ଷ ନୂଆ ପ୍ରଣାଳୀରେ ଚାଷ କରି ଅନ୍ୟ ଚାଷୀଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ଅତି ନିଷ୍ଠାର ସହ କୌଣସି ବି କାର୍ଯ୍ୟ କରି ସଫଳ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅନେକ ଥର କୃଷି ଅଧିକାରୀମାନେ ତାଙ୍କ କୃଷି କାର୍ଯ୍ୟ ପ୍ରତି ଆକୃଷ୍ଟ ହୋଇ କ୍ଷେତ ପରିଦର୍ଶନ କରିଛନ୍ତି। ସେ ନୂଆ ପଦ୍ଧତିରେ କୃଷିକାର୍ଯ୍ୟ କରି ସର୍ବଦା ଚର୍ଚ୍ଚାରେ ରହିଆସିଛନ୍ତି ପରମାନନ୍ଦ। ପୂର୍ବରୁ ସେ ଆଖୁ କିଆରୀରେ ଆଳୁଚାଷ କରି ଚର୍ଚ୍ଚାରେ ରହିଥିଲେ। ଏହି ଚାଷକୁ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଅନେକ ଚାଷୀ ଓ ବ୍ଲକ କୃଷି କର୍ମଚାରୀଙ୍କ ପାଦ ପରମାନନ୍ଦଙ୍କ କ୍ଷେତରେ ପଡିଥିଲା। ଏହାକୁ ନେଇ ସେ ବିଶେଷ ଖୁସି ପ୍ରକଟ କରିଥିଲେ। ଚଳିତବର୍ଷ ମିଶ୍ରିତ ଚାଷ କରି ସଫଳ ହୋଇଛନ୍ତି। ଗୋଟିଏ କ୍ଷେତରେ ଏକାବେଳକେ ୪ଟି ଫସଲ ଅମଳ କରିବା ପାଇଁ ଚେଷ୍ଟା କରି ସେ ସଫଳ ହୋଇଛନ୍ତି। ଏ ଦିଗରେ ବି ସେ ସିଦ୍ଧହସ୍ତ ଥିବା ପ୍ରମାଣିତ କରିଦେଇଛନ୍ତି। ତାଙ୍କ ଚାଷ କାର୍ଯ୍ୟକୁ ନେଇ ସେ ଅନ୍ୟ ଚାଷୀଙ୍କ ନିକଟରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ପରମାନନ୍ଦ କେବଳ ଜଣେ ଅଗ୍ରଣୀ ଚାଷୀ ନୁହଁନ୍ତି, ସେ ଚାଷ କ୍ଷେତ୍ରରେ ନୂଆ ଚିନ୍ତାଧାରା ସୃଷ୍ଟି କରିବାର ଏକ ମାଧ୍ୟମ ସାଜିଛନ୍ତି। ଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଆୟର ଉତ୍ସ କହିଲେ କେବଳ ଚାଷ। ଏଥିରୁ ହେଉଥିବା ଉପାର୍ଜନରୁ ସେ ପରିବାର ଚଳାଇବା ସହ ଝିଅପୁଅଙ୍କୁ ଉଚ୍ଚ ଶିକ୍ଷିତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଜଣେ ଦିବ୍ୟାଙ୍ଗ ଭଉଣୀ ଓ ଭାଇଙ୍କୁ ମଧ୍ୟ ପ୍ରତିପୋଷଣ କରୁଛନ୍ତି ସେ। ଚାଷ କାର୍ଯ୍ୟରେ ଅନେକ ବାଧାବିଘ୍ନ ଆସୁଛି। ପ୍ରାକୃତିକ ବିପର୍ଯ୍ୟୟରେ ସେ ବି ଅନେକ କ୍ଷତି ସହୁଛନ୍ତି। ମାତ୍ର କ୍ଷୟକ୍ଷତିକୁ ନେଇ ସରକାରୀ ସହାୟତା ଚାଷୀ ଠିକ୍ ଭାବରେ ମିଳିପାରୁ ନାହିଁ ବୋଲି କହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ସେ ଚାଷ ଛଡ଼ା ଆଉ ଅନ୍ୟ କାର୍ଯ୍ୟ କରିବାରେ ଆଦୌ ଆଗ୍ରହୀ ନାହାନ୍ତି। ବିଭିନ୍ନ ସମୟରେ ଚାଷରେ ହେଉଥିବା କ୍ଷତିକୁ ଭରଣା କରିବା ପାଇଁ ସେ ନୂଆ ତରିକା ଚିନ୍ତା କରୁଛନ୍ତି। ତେଣୁ ସେ ମିଶ୍ରିତ କୃଷିକୁ ପ୍ରାଧାନ୍ୟ ଦେଇଛନ୍ତି। ଗୋଟିଏ କୃଷି ଋତୁରେ ସମାନ କ୍ଷେତରୁ ଏକାଧିକ ଫସଲ ଅମଳ କରି ସେ ଲାଭବାନ ହୋଇପାରିଛନ୍ତି। ତାହାର ଏକ ନମୁନା କୃଷି କ୍ଷେତରେ ଦେଖିବାକୁ ମିଳିଛି। ସେ ଚଳିତ ଖରିଫ ଋତୁରେ ବାଦାମ ଚାଷ କ୍ଷେତରେ ମିଶ୍ରିତ ଫସଲ ଚାଷ କରିଛନ୍ତି। ଏହି କ୍ଷେତରେ ସେ ଏକାଥରକେ ମୂଳା, ଚଣା, ଧଣିଆ ଓ ବାଦାମ ଚାଷ କରି ଲାଭବାନ ହୋଇଛନ୍ତି। ଏହି ପ୍ରଣାଳୀରେ ଚାଷ କରିବା ଦ୍ୱାରା ମୂଳା ଓ ବାଦାମ ଫସଲ ପ୍ରଭାବିତ ହୋଇନାହିଁ। ସାମଗ୍ରିକ ଭାବରେ କହିବାକୁ ଗଲେ ସବୁ ଫସଲରୁ ଶତପ୍ରତିଶତ ଫାଇଦା ମିଳିଛି ଚାଷୀ ପରମାନନ୍ଦଙ୍କୁ। ଏହି ଚାଷ ବ୍ୟତୀତ ସେ ଆଖୁ, କଖାରୁ, ଝୁଡଙ୍ଗ, ସାରୁ, କାକୁଡି ଭଳି ଚାଷ କରିଛନ୍ତି। ସେ ଚାଷକୁ ତାଙ୍କର ଭାତହାଣ୍ଡି ମନେ କରନ୍ତି। ଚାଷ ହିଁ ତାଙ୍କର ପରିଚୟ ବୋଲି ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୭ ଜାନୁୟାରୀ, ୨୦୨୦



ପରେ କାମଟିକୁ କରିଦେବି ବୋଲି କେବେ ହେଲେ ବିଚାରିବ ନାହିଁ। କାରଣ ବିଳମ୍ବ ଭିତରେ ବିପଦ ହିଁ ଲୁଚି ରହିଥାଏ।
- ସେକ୍ସପିୟର



## ସଂକ୍ଷେପରେ

### ଆନ୍ତର୍ଜାତିକ ମହିଳା ଦିବସରେ ଗଣ ବିବାହ

**ଯାଜପୁର ଅଫିସ, ୬।୧:** ଆସନ୍ତା ମାର୍ଚ୍ଚ ୮ ବିଶ୍ୱ ମହିଳା ଦିବସ ଉପଲକ୍ଷେ ଯାଜପୁର ରୋଡ ସ୍ଥିତ ବ୍ୟାସଦେବ ଟାଉନ ହଲରେ ଏକ ମହାସମାବେଶ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ବ୍ୟାସନଗର ନବଉତ୍କଳ ମହିଳା ସମିତି କାର୍ଯାଳୟରେ ସଭାନେତ୍ରୀ ଅମୁଲି ପହିଙ୍କ ଅଧକ୍ଷତାରେ ଏକ କାର୍ଯ୍ୟକାରୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗରିବ ତଥା ଅର୍ଥନୈତିକ ସ୍ୱଛଳ ନଥିବା ପରିବାରର ଝିଅ ମାନଙ୍କୁ ନେଇ ସମ୍ପୁର୍ଣ୍ଣ ବୈଦିକ ରୀତିରେ ଏକ ଗଣ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମିତିର କର୍ମକର୍ତ୍ତାମାନେ ଗରିବ ଶ୍ରେଣୀର ଅବିବାହିତ ଝିଅମାନଙ୍କୁ ଠାବ କରି ଆସନ୍ତା ଫେବୃୟାରୀ ୧୫ ତାରିଖ ସୁଦ୍ଧା ନାମ ଓ ସମ୍ପୁର୍ଣ୍ଣ ଠିକଣା ସଂଗ୍ରହ କରିବାକୁ ପ୍ରସ୍ତାବ ଗୃହିତ ହୋଇଛି। ଏହି ବିବାହରେ ବର ପକ୍ଷ କିମ୍ବା କନ୍ୟା ପକ୍ଷଙ୍କ ଠାରୁ କୌଣସି ଦେୟ ନିଆଯିବ ନାହିଁ। ବର ଓ କନ୍ୟାଙ୍କ ବିବାହ ପୋଷାକ ସହିତ ବେଦୀ ଉପର ସମସ୍ତ ଖର୍ଚ୍ଚ ସମିତି ବହନ କରିବା ସହିତ ବିବାହ ପଞ୍ଜୀକୃତ କରାଯିବ। ବୈଠକରେ ଉପଦେଷ୍ଟା ଶାନ୍ତି ଲତା ମାଝୀଙ୍କ ସହିତ ସୁଜାତା ବାରିକ, କୁନି ଓଝା, ମମତା ବର୍ଦ୍ଧନ, ମମତା ମଲିକ, ମଧୁସ୍ମିତା ନାୟକ, ମୋନାଲିସା ବେହେରା, ମାନସି ମଲ୍ଲିକ, ଜାନକୀ ସିଂ, ସୁନିତା ଦାସ ପ୍ରମୁଖ ଯୋଗଦେଇଥିଲେ।

### ଝିଅ ଜନ୍ମ ହେବାରୁ ଶାଶୁଘରୁ ତଡ଼ିଦେଲେ

**ଯାଜପୁର ଟାଉନ,୬।୧(ଡିଏନଏ):** ଜଣେ ନବବଧୂ କନ୍ୟା ସନ୍ତାନ ଜନ୍ମଦେବା ପରେ ତାଙ୍କୁ ଶାଶୁଘରୁ ତଡ଼ି ଦିଆଯାଇଛି ବୋଲି ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏଭଳି ଘଟିଛି ଯାଜପୁର ଜିଲାର ମଙ୍ଗଳପୁର ଥାନା କାଟିଆ ପ୍ରକଟପୁର ଗ୍ରାମରେ। ଏହି ଗ୍ରାମର ପ୍ରବୀର ଦାସଙ୍କ ଝିଅ ପଦ୍ମାଳୟା (୨୨) ସହ ଧର୍ମଶାଳା ବ୍ଲକ ନିଳାଦେଇପୁରର ଚଗଲା ଗୁରୁଙ୍କ ପୁଅ ମାନସଙ୍କର ୨୦୧୮ ଜୁନ ୨୫ରେ ବିବାହ ହୋଇଥିଲା। ବିବାହର କିଛି ମାସ ପରେ ପଦ୍ମାଳୟା ଅନ୍ତସତ୍ତ୍ୱା ହେବାରୁ ତାଙ୍କ ଗର୍ଭରେ ପୁଅ କି ଝିଅ ଅଛି ତାହା ଶାଶୁଘର ଲୋକେ ଜାଣିବାକୁ ଚାହିଁଥିଲେ। ଯଦି ଗର୍ଭରେ ଝିଅ ଥାଏ ତେବେ ତାକୁ ନଷ୍ଟ କରିବାକୁ ଶାଶୁ ଝୁନା ଗୁରୁ, ନଣନ୍ଦ ଓ ନଣନ୍ଦେଇ କହିଥିଲେ। କିନ୍ତୁ ପଦ୍ମାଳୟା ଶାଶୁ, ନଣନ୍ଦଙ୍କ ପରାମର୍ଶକୁ ଗ୍ରହଣ କରି ନ ଥିଲେ। ସ୍ୱାମୀ ମାନସ ବ୍ୟବସାୟ ଯୋଗୁ ତାଙ୍କୁ ସମୟ ଦେଇପାରୁ ନଥିବାବେଳେ ଶ୍ୱଶୁର ନୀରିହ ହୋଇଥିବାରୁ ସେ ଭୟରେ ପ୍ରତିବାଦ କରୁ ନ ଥିବା ପଦ୍ମାଳୟା କହିଛନ୍ତି। ଗର୍ଭ ପରୀକ୍ଷା ନ କରିବାରୁ ପଦ୍ମାଳୟାଙ୍କ ଉପରେ ଶାଶୁ, ନଣନ୍ଦ ଓ ନଣନ୍ଦେଇଙ୍କର ଅତ୍ୟାଚାର ଆରମ୍ଭ ହୋଇଯାଇଥିଲା। ଶେଷରେ ପଦ୍ମାଳୟା କନ୍ୟା ସନ୍ତାନ ଜନ୍ମ ଦେବାପରେ ତାଙ୍କୁ ବାପଘରକୁ ବିଦା କରି ଦିଆଯାଇଥିଲା। ଏନେଇ ପଦ୍ମାଳୟା ଓ ତାଙ୍କ ବାପା ଥାନାରୁ କୋର୍ଟ ଯାଏ ଅଭିଯୋଗ କରିଥିଲେ ମଧ ତାଙ୍କ ଦୁଃଖ କେହି ଶୁଣି ନ ଥିଲେ। ପୋଲିସ ଏଯାଏ ତାକୁ ନ୍ୟାୟ ଦେଇନାହିଁ ବୋଲି ଛୋଟ ଝିଅଟିକୁ ଧରି ସୋମବାର ସେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲାପାଳ ଏବଂ ଏସ୍‌ପିଙ୍କୁ ହାତଯୋଡି ଗୁହାରି କରୁଥିବା ଦେଖିବାକୁ ମିଳିଥିଲା।

### ବାଇକ୍ ଧକ୍କାରେ ବୃଦ୍ଧ ଗୁରୁତର

**ଯାଜପୁର ଟାଉନ,୬।୧(ଡିଏନଏ):** ଯାଜପୁର ଡିଆରଡିଏ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ଆହତ ବୃଦ୍ଧ ଯାଜପୁର ମକେଇପୁର ଅଞ୍ଚଳର ଧିରେନ୍ଦ୍ର ରାଉତ (୭୨) ବୋଲି ଜଣାପଡ଼ିଛି। ସେ ନିଜ ସାଇକେଲ ଯୋଗେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶିବିରକୁ ବ୍ୟକ୍ତିଗତ ଅଭିଯୋଗ ନେଇ ଆସିଥିଲେ। ଡିଆରଡିଏ କାର୍ଯ୍ୟାଳୟ ସମ୍ମୁଖରେ ବିପରୀତ ଦିଗରୁ ଏକ ବାଇକ୍ ଦ୍ରୁତଗତିରେ ଆସି ଧକ୍କା ଦେବାରୁ ସେ ପଡ଼ିଯାଇ ଗୁରୁତର ହୋଇପଡିଥିଲେ। ସେଠାରେ ଉପସ୍ଥିତ ଥିବା ପୂର୍ବତନ ଜିଲାପରିଷଦ ଉପସଭାପତି ଦିଗମ୍ବର କର ଆହତ ବୃଦ୍ଧଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ଅପରପକ୍ଷରେ ଯାଜପୁର ପୋଲିସ ଧକ୍କା ଦେଇଥିବା ବାଇକ୍‌କୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି।

## ■ ପୋଲିସ ସୁରକ୍ଷା ବଳୟରେ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ

# ମହିଳା ଚାଷୀଙ୍କ ଆତ୍ମାହୂତି ଉଦ୍ୟମ

**ଢୁବୁରୀ,୬।୧(ଡିଏନଏ)**

ବିନା କ୍ଷତିପୂରଣରେ ଚାଷୀଙ୍କ ଜମିକୁ ଅଧିଗ୍ରହଣ କରିଛନ୍ତି ରେଲୱେ କର୍ତ୍ତୃପକ୍ଷ। ଏନେଇ ବିବାଦ ବଢ଼ିଚାଲିଛି। ଏ ସମ୍ପର୍କରେ ଚାଷୀମାନେ ବିଭିନ୍ନ ଫୋରମରେ ଅଭିଯୋଗ କରି କିଛି ସୁଫଳ ନ ପାଇବାର ଅନେକ ଥର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଚାଷୀମାନେ ଜମିର ପଟ୍ଟା ପାଉତି ପୋଡ଼ି ପ୍ରତିବାଦ କରିଥିଲେ ବି କିଛି ସୁଫଳ ମିଳିଲାନି। ସୋମବାର ସୁକିନ୍ଦା ତହସିଲ ଢୁବୁରୀ ରାଜସ୍ୱ ସର୍କଲ ଅନ୍ତର୍ଗତ ବିବାଦୀୟ ଢୁବୁରୀ ମୌଜାରେ ପୋଲିସ ସୁରକ୍ଷା ବଳୟରେ ପୁଣି ରେଳପଥ କାର୍ଯ୍ୟ ଆରମ୍ଭ କରାଯିବା ସମୟରେ ପୋଲିସ ଓ ମହିଳା ଚାଷୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ମହିଳା ଚାଷୀମାନେ ନିଜ ଦେହରେ କିରୋସିନି ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ଦେଖିବାକୁ ମିଳିଥିଲା। ବହୁ ମହିଳା ଚାଷୀ ରେଳ ପ୍ରକଳ୍ପ ଦ୍ୱାରା ଜମି ହରାଇବା ନିଶ୍ଚିନ୍ତ ବୋଲି ଜାଣି କିରୋସିନ ଢାଳି ଆତ୍ମାହୂତି ଦେବାକୁ ଘଟଣାସ୍ଥଳକୁ ଆସିଥିବାବେଳେ ପୋଲିସ ସେମାନଙ୍କଠାରୁ କିରୋସିନ ଜାର ଜବତ କରିଥିଲା। ମହିଳା ଚାଷୀମାନେ ଘଟଣାସ୍ଥଳରେ ଧାରଣାରେ ବସିରହିଛନ୍ତି।

**ସୁକିନ୍ଦା-ଅନୁଗୋଳ-ଢୁବୁରୀ ରେଳପଥ**



ଆତ୍ମାହୂତି ଦେବାକୁ ଆସିଥିବା ମହିଳାମାନେ ଧାରଣାରେ ବସିଛନ୍ତି।

- ■ ବିନା କ୍ଷତିପୂରଣରେ ଚାଷୀଙ୍କ ଜମିକୁ ଅଧିଗ୍ରହଣ କରି କାର୍ଯ୍ୟ ଆରମ୍ଭ
- ■ ୧୨ ଘଣ୍ଟାରେ ସମାଧାନ ନ କଲେ ସମସ୍ତ ମହିଳା ଚାଷୀ ଆତ୍ମାହୂତି ଦେବାକୁ ନିଷ୍ପତ୍ତି

ଢୁବୁରୀ ରାଜସ୍ୱ ସର୍କଲ ଅଧୀନ ଢୁବୁରୀ ମୌଜା ଖାତା ୧୨୭, ପ୍ଲଟ ୨୮ ଓ ୧୦୧ରେ ଢୁବୁରୀ, ଝୁମ୍ପାଣ, ବାଘରାସାହି, ରଙ୍ଗାହୁଡି ପ୍ରଭୃତି ଅଞ୍ଚଳର ଚାଷୀଙ୍କର ୫୬ ଏକର ପଟ୍ଟା ଜମି ରହିଛି। ବିନା ନୋଟିସ ଓ ବିନା କ୍ଷତିପୂରଣରେ ରେଳ କର୍ତ୍ତୃପକ୍ଷ ଏହି ସବୁ ଚାଷୀଙ୍କ ଜମିକୁ ବଳପୂର୍ବକ ଅଧିଗ୍ରହଣ କରି ରେଳପଥ ନିର୍ମାଣ କାର୍ଯ୍ୟ କରିବାକୁ ଉଦ୍ୟମ କରିଛନ୍ତି। ଏନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ବହୁବାର ବିଭିନ୍ନ ଫୋରମରେ ଆନ୍ଦୋଳନ ଚଳାଇଥିଲେ ମଧ ଚାଷୀଙ୍କୁ କୌଣସି ସୁଫଳ ମିଳିପାରି ନ ଥିବାବେଳେ ଓଲଟା ଚାଷୀଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ବାରମ୍ବାର ଚେଷ୍ଟା କରାଯାଉଥିବା ଅଭିଯୋଗ ହୋଇଛି। ତେବେ ଉକ୍ତ ଜମିରେ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହିବାର ବର୍ଷେ ପରେ ପ୍ରଶାସନ ପକ୍ଷରୁ ସୋମବାର ପୁନର୍ବାର କାମ ଆରମ୍ଭ କରିବାକୁ ଉଦ୍ୟମ କରାଯାଇଛି। ସୋମବାର ସକାଳେ କଳିଙ୍ଗନଗର ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୫ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରାଯାଇ ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଥିବାବେଳେ ଅଞ୍ଚଳର ଅଧିକାଂଶ ମହିଳା ଚାଷୀ ଏହାକୁ ବିରୋଧ କରିବାରୁ ପୋଲିସ ଓ ମହିଳା ଚାଷୀ ମୁହାଁମୁହିଁ ହୋଇଥିଲେ। ଏହାପରେ ବହୁ ମହିଳା ଚାଷୀ ଦେହରେ କିରୋସିନ ଢାଳି ହୋଇ ଆତ୍ମାହୂତି ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କଠାରୁ କିରୋସିନ ଜାର ଛଡାଇ ଆଣିଥିଲା। ପରେ ମହିଳା ଚାଷୀମାନେ ଘଟଣାସ୍ଥଳରେ ଧାରଣାରେ ବସି ରହିଥିଲେ। ସନ୍ଧ୍ୟାରେ ଉକ୍ତ ଗାଁର ଚାଷୀମାନେ ଏକ ବୈଠକ କରି ୧୨ ଘଣ୍ଟା ମଧ୍ୟରେ ପ୍ରଶାସନ ଏହାର ସମାଧାନ ନ କଲେ ଜମି ନାହିଁ ଜୀବନ ନାହିଁ ନୀତିରେ ଅଞ୍ଚଳର ସମସ୍ତ ମହିଳା ଚାଷୀ ସାମୂହିକ ଆତ୍ମାହୂତି ଦେବାକୁ ନିଷ୍ପତ୍ତି ନେଇଥିବା ବେଲବତୀ ମହାନ୍ତ, ପ୍ରମିଳା ମହାନ୍ତ, ଗୋଲାପ ମହାନ୍ତ, ମିନୁ ମହାନ୍ତ, ଜେମା ମହାନ୍ତ, ଭୁବନ ମହାନ୍ତ, ଅଞ୍ଜନ ମହାନ୍ତ ପ୍ରମୁଖ ଜଣାଇଛନ୍ତି।

## ଏଆଇଡିଏସ୍‌ଓ ପକ୍ଷରୁ ପ୍ରତିବାଦ




ଏଆଇଡିଏସ୍‌ଓର କର୍ମକର୍ତ୍ତାମାନେ ପ୍ଲାକାର୍ଡ ଧରି ପ୍ରତିବାଦ ଜଣାଉଛନ୍ତି।

**ଯାଜପୁର ଟାଉନ,୬।୧(ଡିଏନଏ)**

ଜେଏନ୍‌ୟୁ କ୍ୟାମ୍ପସ୍ ଭିତରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସଦସ୍ୟମାନେ ପ୍ରବେଶ କରି ଛାତ୍ରୀଛାତ୍ର, ଶିକ୍ଷକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହାକୁ ଏଆଇଡିଏସ୍‌ଓ ରାଜ୍ୟ ପରିଷଦ ତରଫରୁ ଦୃଢ ନିନ୍ଦା କରାଯିବା ସହ ତାହା ବିରୋଧରେ ସୋମବାର ସାରା ଭାରତ ପ୍ରତିବାଦ ପାଳନ କରାଯାଇଛି। ଏଆଇଡିଏସ୍‌ଓ ଯାଜପୁର ଜିଲା କମିଟି ପକ୍ଷରୁ ପ୍ରତିବାଦ ଦିବସ ଉପଲକ୍ଷେ ଏନ୍.ସି. କଲେଜ ପରିସରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଯାଜପୁର ଜିଲା ସମ୍ପାଦିକା ଦମୟନ୍ତୀ ମୁଦୁଲୀ ଓ ଏନ୍.ସି. କଲେଜର ଛାତ୍ରୀ ନେତ୍ରୀ ସସ୍ମିତା ଜେନା ଯୋଗଦେଇ ଏହି ଆକ୍ରମଣ ପଛରେ ଏବିଭିପିର ସଦସ୍ୟଙ୍କ ସହ ପୋଲିସ ପ୍ରଶାସନର ମଧ ସହଯୋଗ ରହିଛି ବୋଲି କହିଥିଲେ। ଜେଏନ୍‌ୟୁର ଛାତ୍ରଙ୍କ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ଓ ଫିଜ୍ ବୃଦ୍ଧି ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ପାଇଁ ଦୃଢ଼ ଦାବି ଉପସ୍ଥାପନ କରିଥିଲେ। ଅବିନାଶ ଦାସ, ଲୋକନାଥ ସେଠୀ ସମେତ ଅନ୍ୟାନ୍ୟ ଛାତ୍ରୀଛାତ୍ର ଉକ୍ତ ସଭାରେ ଯୋଗ ଦେଇଥିଲେ।

## ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସମର୍ଥନ

**ଯାଜପୁର ଅଫିସ,୬।୧**

କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେଶନ୍ ପକ୍ଷରୁ ୮ ଜାନୁୟାରୀ ଦେଶବ୍ୟାପୀ ସାଧାରଣ ଧର୍ମଘଟ ହେବ। ଏହାକୁ ଯାଜପୁର ଜିଲାରେ ସଫଳ କରିବା ନିମନ୍ତେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ପ୍ରସ୍ତୁତି ବୈଠକ ରାଜ୍ୟ ଅସଂଗଠିତ ଶ୍ରମିକ କଂଗ୍ରେସର ଅଧକ୍ଷ ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ର ସରକାରଙ୍କ ଦରଦାମ ବୃଦ୍ଧି ରୋକିବା, ଶ୍ରମ ଆଇନ୍ ସଂଶୋଧନ ବନ୍ଦ କରିବା, ନିଯୁକ୍ତି ଓ ସାମାଜିକ ସୁରକ୍ଷା ଦାବୀରେ ଯାଜପୁର ଜିଲା ସମେତ କଳିଙ୍ଗନଗରର ସମସ୍ତ କାରଖାନା ସମ୍ମୁଖରେ ଧର୍ମଘଟକୁ ସମର୍ଥନ ଜଣାଇବା ପାଇଁ ପଥପ୍ରାନ୍ତ ସଭା ଓ ମଶାଲ ଶୋଭାଯାତ୍ରା କରାଯିବ। ଏହି ବୈଠକରେ କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ କଳକାରଖାନାର ପ୍ରତିନିଧି ଓ ଆଇଏନ୍‌ଟିୟୁସିର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏଥିରେ ଫେରୋକ୍ରମ ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ନୃସିଂହ ଚରଣ ପତି, ମେସ୍କୋ ୱାର୍କସ ୟୁନିୟନ ସଭାପତି ଗଣେଶ୍ୱର ନାୟକ, ଅଂସଗଠିତ ଶ୍ରମିକ କଂଗ୍ରେସର ଜିଲା ସମ୍ପାଦକ ପରମାନନ୍ଦ ସେଠୀ, ଉଠଜଳସେଚନ ନିଗମର ସମ୍ପାଦକ ନୀରନ ପରିଡା, ରଘୁନାଥ ମାଝୀ, ଭରତ ଚନ୍ଦ୍ର ସାହୁ, ଅଭିମନ୍ୟୁ ପାତ୍ର, ଲକ୍ଷ୍ମୀଧର ପାତ୍ର, ନରହରୀ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତି ପାଇଁ ଆମରଣ ଅନଶନ




ଚନ୍ଦ୍ରକାନ୍ତଙ୍କ ସହ ଅନ୍ୟମାନେ ଧାରଣାରେ ବସିଛନ୍ତି।

**କଳିଙ୍ଗନଗର,୬।୧(ଡି.ଏନ.ଏ)**

ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ପାଇଁ ସୋମବାର ଯଖପୁରା ଗ୍ରାମର ଚନ୍ଦ୍ରକାନ୍ତ ନାୟକ ଆମରଣ ଅନସନରେ ବସିଛନ୍ତି। ପୂର୍ବରୁ ନଭେମ୍ବର ୧୮ ତାରିଖ ଚନ୍ଦ୍ରକାନ୍ତ ଅନସନରେ ବସିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଅନସନ ସ୍ଥଳରେ ପହଞ୍ଚି ୧୫ଦିନ ମଧ୍ୟରେ ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୫ଦିନ ବିତିଯାଇଥିଲାବେଳେ ଦାବି ପୂରଣ ହୋଇ ନ ଥିବାରୁ ପୁର୍ନବାର ଚନ୍ଦ୍ରକାନ୍ତ ଦାବି ପୂରଣ ନିମନ୍ତେ ଆମରଣ ଅନସନ କରିଛନ୍ତି। ଚନ୍ଦ୍ରକାନ୍ତଙ୍କ ଦାବିଗୁଡିକ ହେଲା ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏକ ସୁପର ସ୍ପେଶିଆଲିଟୀ ହସ୍ପିଟାଲରେ ପରିଣତ କରିବା, ସରକାର ଓ ଶିଳ୍ପାନୁଷ୍ଠାନ ସହଯୋଗ ରେ ସବୁ ପ୍ରକାର ମାଗଣା ଔଷଧ ଯୋଗାଇବା, ମାଗଣାରେ ସବୁ ରୋଗର ପରୀକ୍ଷା ନିରୀକ୍ଷା ସହ ଏକ୍ସରେ କରାଇବା ଆଦି ଦାବିଗୁଡିକର ଏକକିତା ନକଲ ପ୍ରଧାନମନ୍ତ୍ରୀ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ରାଜ୍ୟ ଶିଳ୍ପମନ୍ତ୍ରୀ, ୫ଟି ସଚିବ, ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଦାନଗଦି ଫାଣ୍ଡି ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଏହି ଅନ୍ଦଳୋନରେ ଅନୀଲ କୁମାର ଧଳ, ସୁବାସ ବଳ ସାମନ୍ତ, ଚିନ୍ମୟ ଜେନା, ଭଗତ ସିଂ ଯୁବକ ସଂଘ ଯାଜପୁର ରୋଡର ସଭାପତି ରାଜେନ୍ଦ୍ର ବିଶ୍ୱାଳ, ସମ୍ପାଦକ ହେମନ୍ତ ଧିର ଉପସ୍ଥିତ ଥିଲେ।

## ୮ରେ ଭାରତ ବନ୍ଦ ପାଇଁ ପ୍ରସ୍ତୁତି ବୈଠକ

**ଚଣ୍ଡିଖୋଲ,୬।୧(ଡ଼ି.ଏନ.ଏ)**

ବିପର୍ଯ୍ୟସ୍ତ ଅର୍ଥନୀତି ଯୋଗୁ ଦେଶର ଆର୍ଥିକ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। କେନ୍ଦ୍ରରେ ଥିବା ଭାଜପା ସରକାର ନିରବଚ୍ଛିନ୍ନ ଭାବେ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ହ୍ରାସ କରିଛନ୍ତି। ୮ରେ ଦିଆଯାଇଥିବା ଭାରତ ବନ୍ଦ ଡାକରାକୁ ସଫଳ କରିବା ପାଇଁ ଚଣ୍ଡିଖୋଲଠାରେ ସୋମବାର ଏକ ପ୍ରସ୍ତୁତି ବୈଠକ ମାନସ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଯତିନ୍ଦ୍ର ଜେନା, ଦୁଷ୍ମନ୍ତ ସ୍ୱାଇଁ ଓ ଭରତ ଚନ୍ଦ୍ର ଜେନା, ଏଆଇସିଟିୟୁର ବଂଶୀଧର ପରିଡ଼ା, ଜିଲା ଅଣ ସଂଗଠିତ ଶ୍ରମିକ ସଂଗଠନ ସମନ୍ୱୟ କମିଟିର ସମ୍ପାଦକ ରମେଶ ଚନ୍ଦ୍ର ଜେନା, ଓଡ଼ିଶା ଦଳିତ ଅଧିକାର ମଞ୍ଚର ରାଜ୍ୟ ସଂଯୋଜକ ପ୍ରଶାନ୍ତ ମଳିକ ପ୍ରମୁଖ ଯୋଗଦେଇ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ଡାକରାକୁ କାର୍ଯ୍ୟକାରୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସାର୍ବଜନୀନ ସାମଜିକ ସୁରକ୍ଷା, ଅଙ୍ଗନୱାଡ଼ି, ଆଶା ଓ ପାଚିକା କର୍ମୀମାନଙ୍କୁ ଶ୍ରମିକ ମାନ୍ୟତା , ଦରମା ଓ ଅନ୍ୟାନ ସୁବିଧା ଦିଆଯାଉ ନାହିଁ। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ ସେକ୍ଟର ଏପରିକି ଆର୍ଥିକ କ୍ଷେତ୍ରରେ ଘରୋଇ କରଣ ଓ ବ୍ୟାପକ ଠିକା କରଣ ଚାଲିଥିବା ପ୍ରତିବାଦରେ ଏହି ଆନ୍ଦୋଳନରେ ଶ୍ରମିକ, କୃଷକ ଅଧିକ ପରିମାଣରେ ଯୋଗ ଦେବା ପାଇଁ ଆହ୍ୱାନ ଦିଆଯାଇଥିଲା।

## ■ ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର

## ୮୧ ଅଭିଯୋଗର ତତ୍କ୍ଷଣାତ ସମାଧାନ

**ଯାଜପୁର ଅଫିସ,୬।୧**

ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧକ୍ଷତାରେ ୧୭୧ଟି ଅଭିଯୋଗ ମଧ୍ୟରୁ ୧୪୨ଟି ବ୍ୟକ୍ତିଗତ, ୪ଟି ସାମୁହିକ ଆବେଦନପତ୍ର ରହିଥିଲା। ରେଡକ୍ରସ ସହାୟତା ପାଇଁ ଗୋଟିଏ ଆବେଦନପତ୍ର ମିଳିଥିବାବେଳେ ଚିକିତ୍ସା ସହାୟତା ପାଇଁ ୪ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୪ଟି ଆବେଦନପତ୍ର ମିଳିଥିବାବେଳେ ଆବେଦନକାରୀଙ୍କୁ ୨ ଲକ୍ଷ ୧୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶିବିରରେ ତତ୍କ୍ଷଣାତ୍ ୮୧ ଗୋଟି ଅଭିଯୋଗର ସମାଧାନ କରାଯାଇଥିଲା। ଜାନୁୟାରୀ ମାସ ୧୩ ତାରିଖରେ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି, ୨୦ତାରିଖରେ ବ୍ୟାସନଗର ପୌରପାଳିକା ଏବଂ ୨୭ ତାରିଖରେ ରସୁଲପୁର ବ୍ଲକ କାର୍ଯ୍ୟାଳୟଠାରେ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ପ୍ରକାଶ। ଏହି ଶିବିରରେ ଜିଲା ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ତହସିଲଦାର ସୁନିଲ ମେହେର ପ୍ରମୁଖ ଯୋଗ ଦେଇଥିଲେ।

## ବ୍ୟାସନଗର ପୌର କର୍ମଚାରୀ ସଂଘର ବାର୍ଷିକ ସଭା

**ଯାଜପୁର ଅଫିସ,୬।୧:** ବ୍ୟାସନଗର ପୌର କର୍ମଚାରୀ ସଂଘର ବାର୍ଷିକ ସଭା ସୋମବାର ବ୍ୟାସ ସରୋବର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାରେ କର୍ମଚାରୀ ସଂଘ ଓ ପରିମଳ କର୍ମଚାରୀ ସଂଘର କର୍ମକର୍ତ୍ତାଙ୍କ ଏକତ୍ର କରି ଗୋଟିଏ ସଂଘ ଭାବେ ଗଠିତ କରାଗଲା। ଏଥିରେ ପୂର୍ବତନ କାଉନସିଲର ସୌମେନ୍ଦ୍ର ରାଉତ ସଭାପତି, ବିଜୟକେତନ ମହାପାତ୍ର କାର୍ଯ୍ୟକାରୀ ସଭାପତି, ଗୌରାଙ୍ଗଚରଣ ମହାଲିକ ଉପସଭାପତି, ଚନ୍ଦ୍ରମଣି ମୁଖି ସାଧାରଣ ସମ୍ପାଦକ, ଉଦୟନାଥ ବାରିକ, କାହ୍ନୁଚରଣ ବାରିକ ଓ ବିଶ୍ୱମ୍ବର ମୁଖୀ ସହ ସମ୍ପାଦକ, ବୃନ୍ଦାବନ ପଲାଇ କୋଷାଧକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏହାସହ କିଶୋର କୁମାର ରାଉତ, ରଞ୍ଜିତ ମିଶ୍ର, ଅଶୋକ କୁମାର ପରିଡା, ଅର୍ଜ୍ଜୁନଚରଣ ସ୍ୱାଇଁ, ମହେନ୍ଦ୍ର କୁମାର ମୁଖି, କ୍ଷୀରୋଧବିହାରୀ ଜେନା, ମଞ୍ଜୁ ମୁଖୀ, ଦେବାନନ୍ଦ ରାଉତ, ରତ୍ନାକର ରାଉତ, ଅମିତ କୁମାର ପୁରୋହିତ, ଗଗନ ବିହାରୀ କାର୍ଯ୍ୟକାରୀ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି।

## ଡାଲିଯୋଡ଼ା ବନାଞ୍ଚଳରେ ୨ହଜାର ପକ୍ଷୀ ବୃଦ୍ଧି

**ଚଣ୍ଡିଖୋଲ,୬।୧(ଡ଼ି.ଏନ.ଏ):** ବୈରୀ ଡାଲିଯୋଡା ବନାଞ୍ଚଳରେ ଚଳିତ ବର୍ଷ ପକ୍ଷୀ ଗଣନା ସରିବା ପରେ ୨ ହଜାର ଅଧିକ ପକ୍ଷୀ ଆସିଥିବା ଜଣାପଡ଼ିଛି। ଗତ ବର୍ଷ ୨୮ ହଜାର ୬ଶହ ୬୯ ପକ୍ଷୀ ରହିଥିଲାବେଳେ ଚଳିତ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ୩୦ହଜାର ୭୪୧ ହୋଇଛି। ବନ ବିଭାଗ ତରଫରୁ ଡ଼ାଲିଯୋଡ଼ା ବନାଞ୍ଚଳ ଅଧୀନରେ ରହିଥିବା ବିଭିନ୍ନ ହ୍ରଦ ଓ ପାଟଗୁଡ଼ିକରେ ଏହି ଗଣନା କାର୍ଯ୍ୟ କରାଯାଇଥିଲା। ଛତିଶାପାଟ, ମହାନଦୀ, ଗବପାଳ, ଗଡମଧୁପୁର, ଆକବରାବାଦ, ଆତୁଣ୍ଡିମାଳିଆ, ରେଣ୍ଟା, ନିମଝର, କଣ୍ଟେଇଝର, ହରିପୁର, ଗଡମଧୁପୁରପାଟ, ବଜ୍ରଗିରି, ଆକବରାବାଦ, ଡମଣି, ଖରିଆପଦା. ରାହାଡପୁର ପ୍ରଭୃତି ୧୬ଟି ସ୍ଥାନକୁ ଚିହ୍ନଟ କରାଯାଇ ପ୍ରତିବର୍ଷ ପରି ଚଳିତବର୍ଷ ଏହି ପକ୍ଷୀ ଗଣନା କାର୍ଯ୍ୟ କରାଯାଇଛି। ଏହି ବର୍ଷ ୪୦ ପ୍ରଜାତିର ପକ୍ଷୀ ବିଭିନ୍ନ ପକ୍ଷୀ ରହିଥିଲାବେଳେ ତିନି ପ୍ରଜାତିର ବିଦେଶାଗତ ପକ୍ଷୀ ଆସିଥିବା ଗଣନାରୁ ଜଣାପଡିଛି। ପକ୍ଷୀଙ୍କ ମଧ୍ୟରେ ମାଛରଙ୍କା, ବଗ, ଟିଆ, ପାଣି କାଉ, ଶଳରୀ, କିଚ୍, ଗିଭରସ୍, ଓଟାଟସ୍, କାଣ୍ଟିବଗ, ଗେଣ୍ଡାଳିଆ, ସରୁବାଲି, ରେଡ୍‌ପିଚ ସମେତ ୩ପ୍ରକାରର ବିଦେଶାଗତ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଥିଲା। ଶୀତ ଋତୁ ପ୍ରାରମ୍ଭରେ ଏହି ପକ୍ଷୀମାନେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଆସିଥାନ୍ତି। ଏମାନଙ୍କ ମଧ୍ୟରୁ ଗୀଷ୍ମ ପ୍ରବାହ ଆସିଲେ କିଛି ପକ୍ଷୀ ତାଙ୍କର ପୁରୁଣା ସ୍ଥାନକୁ ଫେରିଯାଆନ୍ତି। ଋତୁଚକ୍ର ପରିବର୍ତ୍ତନରେ ଏହି ପକ୍ଷୀ ଆସିବା ସହ ଶୀତଋତୁର ଆଗମନ ଜଣାପଡ଼ିଥାଏ। ଏମାନଙ୍କ ଆଗମନରେ ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। ଏହି ପକ୍ଷୀ ଗଣନାରେ କଟକ ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ଉପଖଣ୍ଡ ବନଅଧିକାରୀ ସୌଭାଗ୍ୟ କୁମାର ସାହୁ, ଶରତ ସାହୁ ଓ ମନୋରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ଡାଲିଯୋଡା ବନାଞ୍ଚଳରେ ପକ୍ଷୀ ଗଣନା କରାଯାଇଥିଲା। ଏହି ପକ୍ଷୀ ଗଣନା କାର୍ଯ୍ୟକ୍ରମରେ ଡାଲିଯୋଡା ରେଞ୍ଜର ଅଜୟ କୁମାର ଜେନା, ଫରେଷ୍ଟର ଜ୍ୟୋତିରଞ୍ଜନ ମହାପାତ୍ର, ପୀତବାସ ମହାପାତ୍ର, ଶଶିକାନ୍ତ ବେହେରା, ମାଣିକମୁଣ୍ଡା, ରଞ୍ଜନ ମିଶ୍ର, ଚନ୍ଦ୍ରଶେଖର ଦାସ, ସଂଜୀବ ବାଇପାଇ, ବନରକ୍ଷୀ ଇପ୍ସିତ୍ ନାୟକ, ବେଣୁଧର ବେହେରା, ଅଶ୍ୱିନି ସାହୁ, ଲକ୍ଷ୍ମୀଧର ନାୟକ, କୈଳାସ ବେହେରା, ସାକିର ହୋସେନ୍ ପ୍ରମୁଖ ସାମିଲ ହୋଇଥିଲେ।

## 'ପୋଲିସର ଏକପାଖିଆ ତଦନ୍ତ ଯୋଗୁ ଜେଲରେ ଶଢ଼ୁଛି ପୁଅ'

**ଯାଜପୁର ଟାଉନ,୬।୧(ଡିଏନଏ)**

ଯାଜପୁର ଜିଲାର କୋରେଇ ଥାନା ଅଞ୍ଚଳର ସାବିନା ବିବି ମାମଲା ଏକ ଭିନ୍ନ ମୋଡ ନେଇଥିବା ଦେଖାଯାଇଛି।

**ବହୁ ଚର୍ଚ୍ଚିତ ସାବିନା ବିବି ମାମଲା**

ପୋଲିସ ପ୍ରଶାସନ ଘଟଣାର ନିରପେକ୍ଷ ତଦନ୍ତ ନ କରି ଏକପାଖିଆ ଭାବେ ତାଙ୍କ ପୁଅକୁ ଗିରଫ କରିଛି ବୋଲି ଇମ୍ରାନଙ୍କ ବାପା ଲାଲ ଖାନ ସୋମବାର ସ୍ଥାନୀୟ ଅଫିସର୍ସ କ୍ଲବଠାରେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ, ସାବିନା ବିବି ଘଟଣାର ଏକ ନିରପେକ୍ଷ ତଥା ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବାକୁ ଲାଲ ଖାନ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ, ପାଣିକୋଇଲି ବଜାରରେ ଲାଲ ଖାନ ବସବାସ କରନ୍ତି। ସାଉଦି ଆରବରେ ରହୁଥିବା ତାଙ୍କ ପୁଅ ଇମ୍ରାନ ଓଡ଼ିଶା ଆସି ୨୦୧୭ ଫେବୃୟାରୀ ୧ରେ ମଙ୍ଗଳପୁର ଥାନା କାଟିଆ ଗ୍ରାମର ସେକ୍ ଅଜିମୁଦ୍ଦିନଙ୍କ ଝିଅ ସାବିନାଙ୍କୁ ଇସଲାମ ରୀତି ମୁତାବକ ବିବାହ କରିଥିଲେ। ବିବାହ ସମୟରେ ଇମ୍ରାନ ଶ୍ୱଶୁର ଘରୁ ଟଙ୍କାଟିଏ ମଧ ଯୌତୁକ ଆଣି ନ ଥିଲେ। ବିବାହର ଏକ ମାସ ପରେ ଇମ୍ରାନ ନିଜ କର୍ମକ୍ଷେତ୍ରକୁ ଫେରିଯିବା ପରେ ସ୍ତ୍ରୀ ସାବିନା ହଠାତ ଶାଶୁଘରୁ ବିଳମ୍ବିତ ରାତ୍ରିରେ ଆଉଜଣଙ୍କ ସହ ଫେରାର ହୋଇଯାଇଥିଲେ ବୋଲି ଇମ୍ରାନଙ୍କ ବାପା କହିଛନ୍ତି। ସାବିନାଙ୍କୁ ରାତି ତମାମ ଖୋଜାଖୋଜି କରିବା ପରେ ତାଙ୍କୁ ଯାଜପୁର ସହରରୁ ପରଦିନ ଉଦ୍ଧାର କରାଯାଇ ବାପଘର ପରିବାରକୁ ଜିମା ଦିଆଯାଇଥିଲା। ତେବେ ଆପୋଷ ସମାଧାନ ପାଇଁ ମଙ୍ଗଳପୁର ଥାନାରେ ୩ଥର ଏନେଇ ଉଦ୍ୟମ ହୋଇଥିଲେ ବି ସାବିନାଙ୍କ ପରିବାର ପକ୍ଷରୁ ୫ଲକ୍ଷ ଟଙ୍କା ଦାବି କରି ପାଣିକୋଇଲିସ୍ଥିତ ଲାଲ ଖାନଙ୍କ ଘରେ ଗଣ୍ଡଗୋଳ କରିଥିଲେ। ଏନେଇ ଇମ୍ରାନଙ୍କ ପରିବାର ପକ୍ଷରୁ ୨୦୧୮ରେ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଥିବାବେଳେ ପୋଲିସ ଏନେଇ ଏକ ମାମଲା (ନଂ. ୧୪/୧୮) ରୁଜୁ କରିଥିଲା। ଅନ୍ୟପକ୍ଷରେ ସାବିନାଙ୍କ ସହ କୌଣସି ସମାଧାନ ନ ହେବାରୁ ଇମ୍ରାନ ୨୦୧୮ ଅକ୍ଟୋବର ୧୮ରେ ସାବିନାଙ୍କୁ ତଲାକ ଦେଇଥିଲେ। ୨୦୧୯ ନଭେମ୍ବର ୧୦ରେ ଇମ୍ରାନ ଇସଲାମ ବିଧି ମୁତାବକ କୋରେଇର ମଲଦାରେ ବିବାହ କରିଥିବାବେଳେ ସାବିନା ପରିବାର ଆସି ସେଠାରେ ଗଣ୍ଡଗୋଳ କରିଥିଲେ। ଏହି ଘଟଣାରେ ପୋଲିସ ପୂର୍ବର କୌଣସି ଘଟଣାକୁ ନ ବୁଝି ସିଧାସଳଖ ତାଙ୍କ ପୁଅ ଇମ୍ରାନଙ୍କୁ ଗିରଫ କରିଥିଲେ ବୋଲି ବାପା ଲାଲ ଖାନ କହିଛନ୍ତି। ଇମ୍ରାନ ଜେଲରେ ଥିବାବେଳେ ମଧ ତାଙ୍କ ନାମରେ ମଙ୍ଗଳପୁର ଥାନାରେ ମିଥ୍ୟା ମାମଲା ରୁଜୁ କରାଯାଇଛି, ଯଦ୍ୱାରା ତାଙ୍କ ପୁଅ ଏବେ ଜେଲର ଚାରିକାନ୍ଥରେ ସଢୁଛି ବୋଲି ଖବରଦାତା ସମ୍ମିଳନୀରେ କାନ୍ଦି ପ୍ରକାଶ କରିଛନ୍ତି। ମାମଲାର ନିରପେକ୍ଷ ତଦନ୍ତ କରି ଇମ୍ରାନ ଓ ପରିବାରକୁ ନ୍ୟାୟ ଦେବା ପାଇଁ ଲାଲ ଖାନ ରାଜ୍ୟ ମାନବିକ ଅଧିକାର କମିଶନ, ଗୃହ ସଚିବ ଏବଂ ଯାଜପୁର ଏସପିଙ୍କୁ ଅନୁରୋଧ କରିଛନ୍ତି। ନ୍ୟାୟ ନ ମିଳିଲେ ସେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିବା ଲାଲ ଖାନଙ୍କ ବଡବୋହୂ ମଧ ତାଙ୍କ ଦିଅରଙ୍କୁ ଉଦ୍ଦେଶ୍ୟମୂଳକଭାବେ ଦଣ୍ଡିତ କରାଯାଇଛି ବୋଲି ଅଭିଯୋଗ କରିଛନ୍ତି। ତେବେ ସାବିନା ବିବି ମାମଲା ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଏବେ ଅଭିଯୁକ୍ତ ଇମ୍ରାନଙ୍କ ବାପା ଲାଲ ଖାନ ଓ ଭାଉଜଙ୍କ ପାଲଟା ଅଭିଯୋଗ ଘଟଣାକୁ ଭିନ୍ନ ମୋଡ ଦେଇଛି। ଏ ସମ୍ପର୍କରେ ଯାଜପୁର ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଆଇନ ଅନୁସାରେ ତଦନ୍ତ ହୋଇଛି। ଏଥିରେ କୌଣସି ପକ୍ଷପାତିତା ହୋଇନାହିଁ। ଅଭିଯୁକ୍ତଙ୍କ ପରିବାର ଯଦି ଏ ସମ୍ପର୍କରେ ଅଭିଯୋଗ କରନ୍ତି ତେବେ ତଦନ୍ତ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ବାପା ଓ ଭାଉଜ।

## ସଂକ୍ଷେପରେ

### କଂଗ୍ରେସରୁ ବହିଷ୍କୃତ ହେଲେ ଅରୁଣ

**ରାଜନଗର, ୬।୧ (ଡି.ଏନ୍.ଏ.):** ରାଜନଗର ବ୍ଲକ କଂଗ୍ରେସ କମିଟିର ପୂର୍ବତନ ଜିଲାପରିଷଦ ସଭ୍ୟ ତଥା ରାଜନଗର ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ଅରୁଣ କୁମାର ରାଉତଙ୍କୁ ଦଳ ବିରୋଧି କାର୍ଯ୍ୟ ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦଳରୁ ବହିଷ୍କାର କରିଛନ୍ତି। ବଡଦିନ ପୂର୍ବରୁ ଅରୁଣ ତାଙ୍କ ସମର୍ଥକ ସହ ବଣଭୋଜିକୁ ଯାଇଥିଲେ। ଏହାକୁ ନେଇ ଘଣ୍ଟାଚକଟା ଆରମ୍ଭ ହୋଇଥିଲା। ଦଳର ନେତୃତ୍ୱଙ୍କୁ ଆହ୍ୱାନ ଦେଇ ଅରୁଣ ଆଉ ଏକ ସମାନ୍ତରାଳ ସଂଗଠନ କରୁଥିବା ଖବର ମିଳିବା ପରେ ଗତ ୨ ତାରିଖରେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅରୁଣଙ୍କ କାର୍ଯ୍ୟଧାରାକୁ ବିରୋଧ କରାଯାଇ ପିସିସି ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅଭିଯୋଗ ପାଇବା ପରେ ପିସିସି ସଭାପତି ପଟ୍ଟନାୟକ ଦଳର ପୂର୍ବତନ ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ବେହୁରାଙ୍କୁ ରାଜନଗର ପଠାଇ ଦଳର ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ରିପୋର୍ଟ ଆଧାରରେ ପିସିସି ସଭାପତି ପଟ୍ଟନାୟକ ସୋମବାର ଅରୁଣଙ୍କୁ ଦଳରୁ ବହିଷ୍କାର କରିଥିବା ଜଣାପଡ଼ିଛି।

### ୫୦ ହଜାର ଟଙ୍କା ଲୁଟ୍

**ରାଜନଗର, ୬।୧ (ଡି.ଏନ.ଏ.) :** ରାଜନଗର ବଜାର ଉପରୁ ଜଣେ ବୃଦ୍ଧଙ୍କ ୫୦ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ମହାକାଳପଡା ଥାନା ଅଧୀନ ଭୋପାଳ ଗ୍ରାମର ମୁରଲୀଧର ରାଉତ(୮୦) ରାଜନଗର ଷ୍ଟେଟ ବ୍ୟାଙ୍କରୁ ୫୦ହଜାର ଟଙ୍କା ଉଠାଇ ରାଜନଗର ବଜାରକୁ ଯାଇଥିଲେ। ରାଜନଗର ବ୍ଲକ ଛକ ନିକଟରେ ଥିବା ଏକ ନଳକୂପ ନିକଟରେ ମୁରଲୀଧର ବ୍ୟାଗ ରଖି ଧୋଇ ହେଉଥିବା ବେଳେ କେତେଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ବ୍ୟାଗ ନେଇ ପଳାଇଥିଲେ। ଏ ନେଇ ସେ ରାଜନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଅନ୍‌ଲାଇନ୍ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ବ୍ୟବସ୍ଥା ଆରମ୍ଭ

**କେନ୍ଦ୍ରାପଡ଼ା ଅଫିସ୍, ୬।୧:** କେନ୍ଦ୍ରାପଡ଼ା ପୌରସଂସ୍ଥା ପକ୍ଷରୁ ଏମ୍-ପିଓଏସ୍ ମେଶିନ ମାଧମରେ ଅନ୍‌ଲାଇନରେ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ବ୍ୟବସ୍ଥା ସୋମବାରଠାରୁ ଆରମ୍ଭ ହୋଇଛି। ଏହାକୁ ଉପ ଜିଲାପାଳ ତଥା ପୌର ପ୍ରଶାସକ ଜ୍ୟୋତିଶଙ୍କର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ଅଧକ୍ଷତାରେ ଟାଉନହଲ୍ ପରିସରରେ ଅନୁଷ୍ଠିତ ସଭାରେ ଏ ନେଇ ସବିଶେଷ ସୂଚନା ଦିଆଯାଇଛି। ଅନ୍‌ଲାଇନରେ ହୋଲ୍ଡିଂ ଟ୍ୟାକ୍ସ ଆଦାୟ ଏକ ସହଜ ଓ ସରଳ ବ୍ୟବସ୍ଥା ବୋଲି ମୁଖ୍ୟଅତିଥି ମହାପାତ୍ର ପ୍ରକାଶ କରିଛନ୍ତି। ଏହି ଅବସରରେ ସହରର ଦିଲାରପୁର ମୌଜାର ଜ୍ୟୋତି ପ୍ରକାଶ ଦାସ, ଗୋପସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ଓ ତଳବାରଙ୍ଗ ଗ୍ରାମର ଶୁକଦେବ ପଡିଙ୍କଠାରୁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରାଯାଇଥିଲା। ସଭାରେ ଆକ୍ସିସ ବ୍ୟାଙ୍କ ପରିଚାଳକ ଦେବକାନ୍ତ ସାମଲ, ଟାଟା କନ୍‌ସଲଟାନ୍ସିର ପ୍ରତିନିଧି ସୁଧୀର କୁମାର ଦାସ, ଏମ୍ଇ ଦିଲ୍ଲୀପ କୁମାର ସେଠୀ ଓ ରବିନାରାୟଣ ନାୟକ ପ୍ରମୁଖ ଯୋଗଦେଇ ଅନ୍‌ଲାଇନ ଟିକସ ଆଦାୟ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ପୌରସଂସ୍ଥା ଆକାଉଣ୍ଟାଣ୍ଟ ଗଣେଶ କୁମାର ପାତ୍ର, ଭୁବନମୋହନ କାନୁନ୍‌ଗୋ, ମନୋରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଲୁଟ୍ ହେଉଛି ଲଘୁ ଖଣିଜ ସମ୍ପଦ

# ଗାଇଡ୍‌ଲାଇନ୍ ମାନୁନାହାନ୍ତି ନିଲାମଧାରୀ

**କେନ୍ଦ୍ରାପଡ଼ା ଅଫିସ୍, ୬।୧**

କେନ୍ଦ୍ରାପଡ଼ା ଜିଲାରେ ଲଘୁ ଖଣିଜ ସମ୍ପଦ ବାଲି ଓ ମାଟି ବିଭିନ୍ନ ସ୍ଥାନରୁ ଉତ୍ତୋଳନ ହେଉଛି। ହେଲେ ପ୍ରଦୂଷଣ ବିଭାଗ ପକ୍ଷରୁ ଏ ନେଇ ପରିବେଶ ସଂକ୍ରାନ୍ତ ମଞ୍ଜୁରୀ ମିଳି ନ ଥିବା ଜଣାପଡ଼ିଛି। ଏପରିକି ଜିଲା ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇଥିବା ୨୮ଟି ବାଲି ସୈରାତକୁ ମଧ୍ୟ ପରିବେଶ ମଞ୍ଜୁରୀ ମିଳିନି। ସେହିପରି ନିଲାମ ହୋଇଥିବା ୨୮ ସୈରାତରୁ ୭ଟିର ଇସି ନାହିଁ। ଏଥିସହ ଜିଲାର ଖଣିଜ ସମ୍ପଦ ବେଆଇନ ଭାବେ ଉତ୍ତୋଳନ କରାଯାଉଥିବା ଦର୍ଶାଇ ବିଭିନ୍ନ ସମୟରେ ଏନ୍‌ଜିଟିରେ ମାମଲା ହେଉଛି। ତେବେ ଏ ଦିଗରେ ପ୍ରଶାସନ ଉଦାସୀନ ରହିବା ବୁଦ୍ଧିଜୀବୀ, ସୂଚନା ଅଧିକାର କର୍ମୀ, ସାମାଜିକ କର୍ମୀ ଓ ପରିବେଶବିତ୍‌ଙ୍କ ପାଇଁ ଉଦ୍‌ବେଗର କାରଣ ପାଲଟିଛି।

ସୂଚନା ଅଧିକାର କର୍ମୀ ଆଳୟ କୁମାର ସାମନ୍ତ କହିଛନ୍ତି, ୨୦୧୫ରେ ଜିଲା ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇଥିବା ୨୮ ବାଲି ସୈରାତ ମଧ୍ୟରୁ ଗୋଟିଏକୁ ବି ପ୍ରଦୂଷଣ ବିଭାଗ ପକ୍ଷରୁ ମଞ୍ଜୁରୀ ଦିଆଯାଇନାହିଁ। ୨୦୧୬-୧୭ ଆର୍ଥିକ ବର୍ଷରେ ଜିଲାର ମୋଟ ୨୧ଟି ନିଲାମ ସୈରାତକୁ ଷ୍ଟେଟ୍ ଏନ୍‌ଭାଇରନ୍‌ମେଣ୍ଟାଲ ଇମ୍ପାକ୍ଟ ଆସେସମେଣ୍ଟ ଅଥରିଟି ପକ୍ଷରୁ ଇସି ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ୭ ସୈରାତକୁ ଇସି ମିଳି ନଥିଲା। ଏଥିସହିତ କୌଣସି ସୈରାତକୁ ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ କାର୍ଯ୍ୟନିର୍ବାହ ପାଇଁ ସହମତି ପତ୍ର (କନସେଣ୍ଟ ଟୁ ଅପରେଟ୍) ମିଳିନାହିଁ। ଓଏମ୍‌ଏମ୍‌ସି (ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ) ୨୦୧୪ ଅନୁଯାୟୀ, ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ଇସି ଓ ପ୍ରଦୂଷଣ ବିଭାଗ ପକ୍ଷରୁ କାର୍ଯ୍ୟନିର୍ବାହ ଅନୁମତି ପତ୍ର ଆଣିବା ବାଧ୍ୟତାମୂଳକ। ହେଲେ ମାତ୍ର ୩ଟି ସୈରାତର କାର୍ଯ୍ୟନିର୍ବାହ ଅନୁମତି ପତ୍ର ପାଇଁ ଆବେଦନ କରିଥିବା ପାରାଦୀପସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆର୍‌ଟିଆଇ ଯୋଗେ ମଗାଯାଇଥିବା ତଥ୍ୟରୁ ଜଣାପଡ଼ିଛି। କିନ୍ତୁ ସେଗୁଡ଼ିକୁ ଏ ପର୍ଯ୍ୟନ୍ତ ଇସି ପ୍ରଦାନ କରାଯାଇନାହିଁ। ଫଳରେ ଜିଲାର ସମସ୍ତ ସୈରାତରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଥିବା ଧରାପଡିଛି। ଏ ସମ୍ପର୍କରେ ସୂଚନା ଅଧିକାର କର୍ମୀ ପ୍ରତାପ କୁମାର ମହାନ୍ତି କୁହନ୍ତି, ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ବ୍ରାହ୍ମଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ନେଇ ଏକ ରିଟ୍ ପିଟିଶନ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ଦାଖଲ ହୋଇଥିଲା। ଅକ୍ଟୋବରରେ ଏହାର ଶୁଣାଣି କରି ଏନ୍‌ଜିଟି ଲଘୁ ଖଣିଜ ସମ୍ପଦ ଉତ୍ତୋଳନକାରୀ ସଂସ୍ଥାକୁ ୧କୋଟି ୧୦ଲକ୍ଷ ଜରିମାନା କରିବା ସହିତ ତତ୍କାଳୀନ ଜିଲାପାଳ ଓ ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍‌ବ୍ୟତୀତ ସୈରାତରେ ୧.୨ ମିଟର ଗଭୀର କରି ବାଲି ଖୋଳିବାକୁ ନିୟମ ଥିଲେ ମଧ୍ୟ ୩ ମିଟରରୁ ଅଧିକ ଗଭୀରରୁ ବାଲି ଉଠାଯାଉଛି।

ଅନ୍ୟପଟେ ଶ୍ରମିକଙ୍କ ଦ୍ୱାରା ବା ମାନୁଆଲି ବାଲି ଉଠାଯିବାକୁ ନିୟମ ରହିଥିଲେ ବି ଅଧିକାଂଶ ସ୍ଥଳେ ମେଶିନ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଛି। ବୁଦ୍ଧିଜୀବୀ ପ୍ରତାପ ଚନ୍ଦ୍ର ପାଢ଼ୀ କୁହନ୍ତି, ଜିଲାର ବିକାଶମୂଳକ କାର୍ଯ୍ୟ ପାଇଁ ବାଲି ଉତ୍ତୋଳନ ହେଉଛି। କିନ୍ତୁ ଏଥିପାଇଁ ଜାରି କରାଯାଇଥିବା କେତେକ ନିୟମକୁ ଅଣଦେଖା କରାଯାଉଥିବାରୁ କମ୍ ରାଜସ୍ୱ ଆଦାୟ ହେଉଥିବା ବେଳେ ଲିଜ୍‌ଧାରୀ ଉପକୃତ ହେଉଛନ୍ତି। ୨୦୧୮ରେ କଣ୍ଡିଆ ଓ କାଣୀ ନଦୀରୁ ନ୍ୟାଶନାଲ ୱାଟର ୱେଜ୍ ୫ ପ୍ରକଳ୍ପରେ ୧୧ ଘନମିଟର ବାଲି ଉତ୍ତୋଳନ ହୋଇଥିଲା। ତେବେ ଏହି ବାଲିକୁ କେତେକ ଠିକାସଂସ୍ଥା ପୋଛି ନେଇଥିବାରୁ ଜିଲାର ୩.୫ କୋଟି ଟଙ୍କା ରାଜସ୍ୱ କାହା ପକେଟକୁ ଗଲା ବୋଲି ବୁଦ୍ଧିଜୀବୀ ପାଢ଼ୀ ପ୍ରଶ୍ନ କରିଛନ୍ତି। ପରିବେଶବିତ୍ ଅଶୋକ କୁମାର ସ୍ୱାଇଁ କୁହନ୍ତି, ପ୍ରଦୂଷଣ ନିୟମକୁ ବାଲି ଉତ୍ତୋଳନକାରୀ ମାନୁ ନଥିବାରୁ ପରିବେଶ ନଷ୍ଟ ହେଉଛି। ଏହାର ତଦନ୍ତ ହେଲେ ବେଆଇନ କାରବାର ସମ୍ପର୍କରେ ବହୁ ତଥ୍ୟ ଲୋକଲୋଚନକୁ ଆସିବ। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କୁ ପଚାରିବାରେ ବାଲି ସୈରାତକୁ ପରିବେଶ ପ୍ରଦୂଷଣ ମଞ୍ଜୁରୀ ମିଳି ନଥିବା ନେଇ ଅଭିଯୋଗ ହୋଇନାହିଁ। ତେବେ ବେଆଇନ ଉତ୍ତୋଳନ ନେଇ ବିଭିନ୍ନ ସମୟରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ଉପଜିଲାପାଳ ମହାପାତ୍ର କହିଛନ୍ତି।

## ଜାନୁୟାରୀ ୩୧ରୁ ଭିତରକନିକା ମହୋତ୍ସବ

**ରାଜନଗର, ୬।୧ (ଡି.ଏନ୍.ଏ.)**

ଚଳିତବର୍ଷଠାରୁ ଆରମ୍ଭ ହେଉଛି ଭିତରକନିକା ମହୋତ୍ସବ। ରାଜ୍ୟ ସରକାରଙ୍କ ଉଦ୍ୟମ କ୍ରମେ କେନ୍ଦ୍ରାପଡ଼ା ଜିଲା ରାଜନଗର-ଭିତରକନିକା ମୁଖ୍ୟରାସ୍ତାର ନଳିତାପାଟିଆଠାରେ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଆସନ୍ତା ୩୧ ତାରିଖରୁ ମହୋତ୍ସବ ଆରମ୍ଭ ହେବାକୁ ଥିବା ବେଳେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୩ ଦିନ ଧରି ହେବାକୁ ଥିବା ମହୋତ୍ସବ ଲାଗି ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଅରମ୍ଭ ହୋଇଛି। ମହୋତ୍ସବ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୦ ଲକ୍ଷ ଏବଂ ରାଜ୍ୟ ଖଣି ନିଗମ ପକ୍ଷରୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମହୋତ୍ସବକୁ ଅଧିକ ଲୋକାଭିମୁଖୀ କରିବା ପାଇଁ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା, ରାଜନଗର ବିଧାୟକ ଧ୍ରୁବ ସାହୁ ଏବଂ ରାଜନଗର ବନଖଣ୍ଡ ଅଧିକାରୀ ବିକାଶ ରଞ୍ଜନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖସଡା ପ୍ରସ୍ତୁତ କରାଯାଉଛି।

# ଜାତୀୟ ରାଜପଥରେ ବଢୁଛି ଦୁର୍ଘଟଣା

**ମାର୍ଶାଘାଇ, ୬।୧ (ଡି.ଏନ୍.ଏ.)**

୫ ନଂ. (କ) ଜାତୀୟ ରାଜପଥ ଦେଇ ଯାଉଥିବା ଡଷ୍ଟ ଆଇରନ୍ ଓ ଗୋଲ ଆଇରନ୍ ବୋଝେଇ ଟ୍ରକ୍‌ରୁ ଆଇରନ୍ ଖସି ରାସ୍ତା ଉପରେ ପଡୁଥିବା ଯୋଗୁ ବାଇକ୍ ଓ ସାଇକେଲ ଆରୋହୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ମାର୍ଶାଘାଇ ବ୍ଲକ ହଜାରି ଛକଠାରୁ ନୀଳାଚଳ ବଜାର ପର୍ଯ୍ୟନ୍ତ ରାସ୍ତା ଉପରେ ଟ୍ରକ୍‌ଗୁଡ଼ିକ ଧାଡ଼ି ହୋଇ ରଖାଯାଉଥିବା ବେଳେ ଓଭରଲୋଡିଂ ଯୋଗୁ ରାସ୍ତାରେ ଗୋଲ ଆଇରନ୍ ପଡୁଛି। ଫଳରେ ବ୍ଲକ ଅଞ୍ଚଳରେ ସଡ଼କ ଦୁର୍ଘଟଣା ସମସ୍ୟା ବୃଦ୍ଧି ପାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସୋମବାର ଜାତୀୟ ରାଜପଥର ମାର୍ଶାଘାଇ ଥାନା କୁଶୁନପୁର ଛକଠାରେ ଏକ ଗୋଲ୍ ଆଇରନ୍ ବୋଝେଇ ଟ୍ରକ ଭାରସାମ୍ୟ ହରାଇବାରୁ ଡାଲାରୁ ଗୋଲ ଆଇରନ୍ ଗୁଡ଼ିକ ରାସ୍ତାରେ ଛିଟିକି ପଡ଼ିଥିଲା। ଫଳରେ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ୬ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଛନ୍ତି। ଏହି ଘଟଣାକୁ ନେଇ କିଛି ସମୟ ଧରି କୁଶୁନପୁରଠାରେ ରାସ୍ତାରୋକୋ କରାଯିବା ସହ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିସହ ସ୍ଥାନୀୟ ଯୁବକମାନେ ରାସ୍ତାରେ ପଡ଼ିଥିବା ଆଇରନ୍ ରାସ୍ତାରୁ ହଟାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବେଆଇନ ଓଭର ଲୋଡିଂ ଯୋଗୁ ଲୋକମାନେ ମୃତ୍ୟୁମୁଖରେ ପଡୁଥିବା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବିଭିନ୍ନ ଦାବିରେ କୃଷକ ସଂଗଠନର ବିକ୍ଷୋଭ

**କେନ୍ଦ୍ରାପଡା ଅଫିସ, ୬।୧**



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କୃଷକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ନବ ନିର୍ମାଣ କୃଷକ ସଂଗଠନର ଜିଲା କମିଟି ପକ୍ଷରୁ ବିଭିନ୍ନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଜିଲା ସଂଯୋଜକ ଅକ୍ରୁର ପଲାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଦାବି ଉପସ୍ଥାପନ ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ ମାରଣ ନୀତିକୁ ସମାଲୋଚନା କରାଯାଇଥିଲ। ଏଥିରେ ଦୋଳଗୋବିନ୍ଦ ଦାସ, ଦାଶରଥୀ ସାହୁ, ରବୀନ୍ଦ୍ର ମହାପାତ୍ର, ଶତ୍ରୁଘ୍ନ ସେଠୀ, ଅନ୍ତର୍ଯ୍ୟାମୀ କୁଣ୍ଡୁ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଅର୍ଥକୁ ହ୍ରାସ କରାଯାଇଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଉତ୍ପାଦିତ ଦ୍ରବ୍ୟ ମୂଲ୍ୟ ବୃଦ୍ଧି, କୃଷକଙ୍କୁ ସମ୍ମାନ ଓ ପେନସନ୍ ପ୍ରଦାନ ଆଦି ଦାବିକୁ ଉପସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦିବାକର ସାହୁ, ସୁଧାକର ନାୟକ, ଘନଶ୍ୟାମ ବଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିକ୍ଷୋଭରେ ୪୦ରୁ ଅଧିକ କୃଷକ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

# କେନ୍ଦ୍ରାପଡା ସୁରଜ କ୍ଲବ ବିଜୟୀ


ଅତିଥିଙ୍କ ସହ ଉଭୟ ଟିମ୍‌ର ଖେଳାଳିମାନେ।

**କେନ୍ଦ୍ରାପଡା ଅଫିସ, ୬।୧**

କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ଫୁଟବଲ କପ୍ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସରେ କେନ୍ଦ୍ରାପଡାର ସୁରଜ କ୍ଲବ ଓ ଖୋର୍ଦ୍ଧାର ଶ୍ରଦ୍ଧାପୁର ସ୍ପୋର୍ଟସ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁରଜ କ୍ଲବ ୨-୦ ଗୋଲରେ ବିଜୟୀ ହୋଇଛି। ସୁରଜ କ୍ଲବର ଖେଳାଳି ଚନ୍ଦ୍ରଶେଖର ବେହେରା ଗୋଟିଏ ଗୋଲ କରିଥିବା ବେଳେ ଅନ୍ୟତମ ଖେଳାଳି ଅର୍ଜୁନ ନାୟକ ଅନ୍ୟ ଗୋଟିଏ ଗୋଲ୍ ଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଓ ଏଡିଏମ୍ ବସନ୍ତ କୁମାର ରାଉତ ପ୍ରତିଯୋଗିତାରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାକୁ ପ୍ରଦୀପ୍ତ ମହାନ୍ତି, ରିୟାଜ ଖାନ, ମହମ୍ମଦ ଜୋହା, କୀର୍ତ୍ତି ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ଟ୍ରାକ୍ଟର ଓଲଟି ଶ୍ରମିକ ଗୁରୁତର

**ରାଜନଗର, ୬।୧ (ଡି.ଏନ୍.ଏ.)**

ରାଜନଗର ବ୍ଲକ ରାଜନଗର ଗ୍ରାମର ପ୍ରଭାତ ମଲିକ (୨୪)ଙ୍କ ଉପରେ ଟ୍ରାକ୍ଟର ଓଲଟି ପଡିବାରୁ ସେ ଗୁରୁତର ହୋଇପଡ଼ିଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ବଳଭଦ୍ରପୁର ଗାଁରୁ ଏକ ଟ୍ରାକ୍ଟରରେ ଇଟା ବୋଝେଇ ହୋଇ ଡାଙ୍ଗମାଳ ଯାଉଥିଲା। ପ୍ରଭାତ ସେହି ଗାଡିରେ ଶ୍ରମିକ ଭାବେ କାମ କରୁଥିଲେ। ଘଡିଆମାଳଠାରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ପ୍ରଭାତ ତଳେ ରହିଯାଇଥିବା ବେଳେ ତାଙ୍କ ଉପରେ ଟ୍ରାକ୍ଟର ଓଲଟି ପଡ଼ିଥିଲା। ପ୍ରଭାତଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଡ୍ରେନ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ

**ଆଳି, ୬।୧ (ଡି.ଏନ୍.ଏ.)**

ବର୍ଷାଦିନେ ଆଳି ବ୍ଲକ ଅଞ୍ଚଳର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ଭାବେ ପରିଚିତ ଆଳି ନୂଆବଜାରର ବିଭିନ୍ନ ସ୍ଥାନରେ ବର୍ଷାପାଣି ଜମି ରହିବା ଦ୍ୱାରା ବ୍ୟବସାୟୀ ଓ ସାଧାରଣ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେବେ ଏହି ସମସ୍ୟାର ସମାଧାନ ନିମନ୍ତେ ଗତ କିଛିଦିନ ପୂର୍ବେ ଆଳି ବଜାରରେ ଏକ ଡ୍ରେନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଡ୍ରେନ ନିର୍ମାଣ ହେବାକୁ ଥିବା ସ୍ଥାନରେ ଜବରଦଖଲରେ ଥିବା ଦୋକାନଗୁଡ଼ିକୁ ସୋମବାର ଭାଙ୍ଗି ଦିଆଯାଇଛି।

ଆଳି ମେଡିକାଲ ରୋଡ୍‌ରେ ଥିବା ୫୬ ଦୋକାନୀଙ୍କୁ ଗତ ଦୁର୍ଗାପୂଜା ପୂର୍ବରୁ ଉଚ୍ଛେଦ ନିମନ୍ତେ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ଦୁର୍ଗାପୂଜା ନିମନ୍ତେ ବସିଥିବା ଶାନ୍ତି କମିଟି ବୈଠକରେ ଉଚ୍ଛେଦ ପ୍ରକ୍ରିୟାକୁ କିଛିଦିନ ଘୁଞ୍ଚାଇ ଦିଆଯାଇଥିଲା। ସୋମବାର ଜବରଦଖଲରେ ଥିବା ଦୋକାନଗୁଡ଼ିକୁ ଭାଙ୍ଗି ଦିଆଯାଇଛି ଏବଂ କିଛି ଦୋକାନୀଙ୍କୁ ଜିନିଷପତ୍ର ଉଠାଇ ନେବାକୁ ସମୟ ଦେଇଥିବା ଜଣାପଡିଛି। ତେବେ ଜୀବିକା ହରାଇଥିବା ବ୍ୟବସାୟୀମାନଙ୍କୁ ପ୍ରଶାସନ ପକ୍ଷରୁ ଦୋକାନ ଗୃହ ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।


ନୂଆବଜାରଠାରେ ଭଙ୍ଗାଯାଇଥିବା ଦୋକାନ ଗୃହ।

# ଡାକ୍ତର ନିଯୁକ୍ତି ଦାବିରେ ଆମରଣ ଅନଶନ

**ରାଜକନିକା, ୬।୧ (ଡି.ଏନ୍.ଏ.)**

ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଦାବିରେ ସୋମବାର ଅଞ୍ଚଳବାସୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଆମରଣ ଅନଶନରେ ବସି ରହିଥିଲେ। ବ୍ଲକ ଅଧୀନ ୨୯ ପଞ୍ଚାୟତବାସୀ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ମାତ୍ର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ଲୋକମାନେ ଆବଶ୍ୟକ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ଡାକ୍ତର ପଦବୀ ଥିବା ବେଳେ ଦୀର୍ଘ ବର୍ଷ ଧରି ଜଣେ ଅଧେ ଡାକ୍ତର ନିଯୁକ୍ତ ହୋଇଛନ୍ତି। ଏହି ମୁଖ୍ୟ ଡାକ୍ତରଖାନାରେ ଡାକ୍ତର ନ ଥିବା ବେଳେ ଓଳାଭର, କୋଇଲିପୁର, କାଟଣା ଏବଂ କଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଫାର୍ମାସିଷ୍ଟ କାମ ଚଳାଉଛନ୍ତି। ଫଳରେ ଅଞ୍ଚଳବାସୀ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ପାଇପାରୁନାହାନ୍ତି। ତେଣୁ ଅଞ୍ଚଳବାସୀ ଏ ସମସ୍ତ ସମସ୍ୟାର ସମାଧାନ ଦାବିରେ ସୋମବାର ଅନଶନରେ ବସିଥିଲେ। ଖବରପାଇ କେନ୍ଦ୍ରାପଡା ସିଡିଏମଓ ଉର୍ମିଳା ମିଶ୍ର, ଏଡିଏମ୍‌ଓ ଡ. ସଚ୍ଚିଦାନନ୍ଦ ମିଶ୍ର ଅନଶନସ୍ଥଳରେ ପହଞ୍ଚି ଅନଶନକାରୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଏଥିସହ ରେକର୍ଡ ପତ୍ରରେ ଉକ୍ତ ମେଡିକାଲରେ ନିଯୁକ୍ତି ପାଇଥିବା ୨ ଡାକ୍ତରଙ୍କୁ ନିୟମିତ ରୋଗୀସେବା କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଅନଶନକାରୀଙ୍କ ଦାବି ମୁତାବକ ସ୍ୱାସ୍ଥ୍ୟକେନ୍ଦ୍ରରେ ୭ ଡାକ୍ତରଙ୍କ ମଧ୍ୟରୁ ଜଣେ ମେଡିସିନ, ଜଣେ ପେଡିଆଟ୍ରିସିଆନ୍, ଜଣେ ଗାଇନିଂ ସ୍ପେଶାଲିଷ୍ଟ ତୁରନ୍ତ ନିଯୁକ୍ତି ଦିଆଯିବ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେଇଥିଲେ। ଶ୍ରେୟସ ଦାସ, ଅମୂଲ୍ୟ ଦାଶ, ସଂଘମିତ୍ରା ବିଶ୍ୱାଳ, ରାମ ଅନିମେଶ ଜେନା, କାହ୍ନୁ ଦଳାଇ, ଜିତା ଦାସ ପ୍ରମୁଖ ଅନଶନରେ ବସି ରହିଥିଲେ। ତେବେ ଆନ୍ଦୋଳନକୁ ସମର୍ଥନ କରି ବାମପନ୍ଥୀନେତା କାଳୀପ୍ରସାଦ ନାୟକଙ୍କ ସହ ମୁରଲୀଧର ନାୟକ, ବିଦ୍ୟାଧର ବରଜ, ମମତା ନାୟକ, ଶ୍ରୀନିବାସ ଦାଶ, ଶୁକଦେବ ମଲିକ, ପ୍ରଭାତ ଜେନା, ପ୍ରୀତିପ୍ରଜ୍ଞା ଜେନାଙ୍କ ସମେତ ଶତାଧିକ ଲୋକ ଅନଶନରେ ବସି ରହିଥିଲେ।


ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଅଞ୍ଚଳବାସୀଙ୍କ ଅନଶନ।

# ଜିଲାପାଳଙ୍କୁ ଭେଟି ଅଭିଯୋଗ କଲେ ଗ୍ରାମବାସୀ


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

**କେନ୍ଦ୍ରାପଡ଼ା ଅଫିସ୍, ୬।୧**

ପଟ୍ଟାମୁଣ୍ଡାଇ ବ୍ଲକ ଡାମରପୁର ପଞ୍ଚାୟତ ରାଘପୁର ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗତ ଡିସେମ୍ବର ୧୯ ତାରିଖରେ ଅନଶନ କରିଥିଲେ। ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲେ ମଧ୍ୟ ଅଦ୍ୟାବଧି ଏହାର ସମାଧାନ ହୋଇନାହିଁ। ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ସୋମବାର ଭେଟି ଅଭିଯୋଗ ପତ୍ର ଦେଇଛନ୍ତି। ସମସ୍ୟାର ସମାଧାନ କରା ନଗଲେ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରିବେ ବୋଲି ଗ୍ରାମର ପୂର୍ବତନ ସମିତିସଭ୍ୟ ସର୍ବେଶ୍ୱର ସେଠୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନ ଓ କାର୍ଯ୍ୟାଦେଶ ପ୍ରଦାନ, ରାଘପୁର ଦଳିତ ବସ୍ତିରେ ଘରପୋଡ଼ି ବିପନ୍ନ ପରିବାରଙ୍କୁ ଆବାସ ଯୋଜନାରେ ସାମିଲ କରିବା, ଗ୍ରାମର ୪ ୱାର୍ଡକୁ ପାନୀୟ ଜଳ ଯୋଗାଣ, ରାଶନକାର୍ଡ ଆଦି ସମସ୍ୟା ସମାଧାନ ପାଇଁ ଅଭିଯୋଗ ପତ୍ର ଦିଆଯାଇଛି। ଅଭିଯୋଗ ପତ୍ର ପ୍ରଦାନ ସମୟରେ ଗ୍ରାମର ଉଦୟଶଙ୍କର ଦାସ, ରଞ୍ଜନ ମଲିକ, ଖଗେଶ୍ୱର ମଲ୍ଲିକ, କୁଳମଣି ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଓଭରଲୋଡିଂ ବାଲିବୋଝେଇ ଟ୍ରକ ଜବତ

**ରଘୁନାଥପୁର,୬।୧(ଡି.ଏନ୍.ଏ.):** ଓଭରଲୋଡିଂ ବାଲି ବୋଝେଇ କରି କଟକ ଅଭିମୁଖେ ଆସୁଥିବା ଏକ ଟ୍ରକକୁ ରଘୁନାଥପୁର ବଜାରରୁ ତହସିଲଦାର ରୁପାଲି ଦାଶ ଜବତ କରିଛନ୍ତି। ଏହା ସହିତ ୧୦ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଜବତ ବେଳେ ଆରଆଇ ଲିଜାରାଣୀ ପଣ୍ଡା ଉପସ୍ଥିତ ଥିଲେ। କଟକ-ପାରାଦୀପ ରାସ୍ତାରେ ଓଭରଲୋଡିଂ ଟ୍ରକ ଯାଉଥିବା ବେଳେ ପୋଲିସ ଏହାକୁ ଅଣଦେଖା କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ବାବା ଦିବାକର ଦାସଙ୍କୁ ସନ୍ଥ ବାହୁଡା ପ୍ରତିଭା ସମ୍ମାନ

**ବାଲିଆ,୬।୧(ଡି.ଏନ୍.ଏ.):** ସନ୍ଥ ବାହୁଡା ଦାସ ଭୋଇ ସମାଜ ବିକାଶ ପରିଷଦ ବ୍ରାହ୍ମଣ ଝରିଲୋ କୁସୁକଣ୍ଟା ସନ୍ଥ ପୀଠରେ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିରିଡି ବ୍ଲକ ଅନ୍ତର୍ଗତ ବାଲିଆ ଗୋପିନାଥପୁର ଗ୍ରାମର ବାବା ଦିବାକର ଦାସଙ୍କୁ ଚଳିତ ବର୍ଷ ପାଇଁ ସନ୍ଥ ବାହୁଡା ଦାସ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଦାସଙ୍କୁ ଅନୁଷ୍ଠାନର ରାଜ୍ୟ ସମ୍ପାଦକ ଅତୁଲ୍ୟ ନାୟକ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରିଥିଲେ। କବି ମାଗୁଣି ଭୋଇଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଗିରିଶ ନାୟକ, ରମାକାନ୍ତ ଭୋଇ, ସୁକାନ୍ତ ଭୋଇ, ଅଭୟ ଭୋଇ ଓ କଣ୍ଠଶିଳ୍ପୀ ସଞ୍ଜିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### କୈବର୍ତ୍ତ ନେତା ଅକ୍ଷୟ ସ୍ୱାଇଁଙ୍କ ପରଲୋକ

**କୁଜଙ୍ଗ,୬।୧(ଡି.ଏନ.ଏ.):** କୁଜଙ୍ଗ, ପାରାଦୀପ ଅଞ୍ଚଳର ବିଶିଷ୍ଟ କୈବର୍ତ୍ତ ନେତା ଅକ୍ଷୟ ସ୍ୱାଇଁ(୬୫)ଙ୍କ ସୋମବାର ଅପରାହ୍ନରେ ତାଙ୍କ ମଙ୍ଗରାଜପୁର ବାସଭବନରେ ପରଲୋକ ହୋଇଛି।



ସେ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ତାଙ୍କ ପରଲୋକ ଖବର ପାଇ ପୂର୍ବତନ ଏମ୍‌ପି ବିଭୂପ୍ରସାଦ ତରାଇ, କଳିଙ୍ଗ କର୍ଣ୍ଣଧାର ମତ୍ସ୍ୟଜୀବୀ ସମବାୟ ସମିତି ସମ୍ପାଦକ ଅଲେଖଚରଣ ତରାଇ, ଷୋଳଭାଇ କୈବର୍ତ୍ତ ସଭା ସଭାପତି ଗୋବିନ୍ଦଚନ୍ଦ୍ର ତରାଇ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିପିନ କୁମାର ତ୍ରିପାଠୀ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାପାତ୍ର, ସୁରେନ୍ଦ୍ର ସ୍ୱାଇଁଙ୍କ ସମେତ ଅନେକ ଜନସାଧଶରଣ ତାଙ୍କ ବାସଭବନକୁ ଯାଇ ଅନ୍ତିମ ଦର୍ଶନ କରିଥିଲେ। ସ୍ୱାଇଁଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ରାକେଶ ମୁଖାଗ୍ନି ଦେଇଥିଲେ।

# ନିର୍ମାଣ ହେଉନି ସ୍ଥାୟୀ ପରିବା ହାଟ

**କୁଜଙ୍ଗ,୬।୧(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲାର ସର୍ବ ପୁରାତନ ସାପ୍ତାହିକ ହାଟ ହେଉଛି କୁଜଙ୍ଗ ହାଟ। ଏହାର ପରିଚାଳନା ଦାୟିତ୍ୱ ରାହାମା ନିୟନ୍ତ୍ରିତ ବଜାର କମିଟି ହାତରେ ରହିଛି। ମାତ୍ର ଦୀର୍ଘଦିନ ହେବ ଏଠାରେ ସ୍ଥାୟୀ ପରିବା ହାଟନାହିଁ। ଫଳରେ ବଳଦେବଜୀଉ ମେଳଣ ପଡିଆରେ ଅସ୍ଥାୟୀ ପରିବା ହାଟ କରାଯାଉଛି। ଶନିବାର ଓ ମଙ୍ଗଳବାର ସପ୍ତାହକୁ ଦୁଇଥର ହାଟ ବସୁଛି। ଏହି ହାଟରୁ ନିୟନ୍ତ୍ରିତ ବଜାର କମିଟି ଅର୍ଥ ଆଦାୟ କରୁଥିବାବେଳେ ଦୁଇଟି ସଂସ୍ଥା ଯଥା- ସାର୍ବଜନୀନ ଦୁର୍ଗାପୂଜା କମିଟି ଓ ପରିବା ବ୍ୟବସାୟୀ ସଂଘ ଚାନ୍ଦା ଆଦାୟ କରୁଛନ୍ତି। ଚାଷୀ ଓ ବେପାରୀ ବ୍ୟବସାୟ ସାରି ସମସ୍ତ ଆବର୍ଜନାକୁ ସେଇଠି ଗଦେଇଦେଇ ଯାଆନ୍ତି। ଉକ୍ତ ଆବର୍ଜନାକୁ ସପ୍ତାହକୁ ଦୁଇଥର ଅର୍ଥାତ ବୁଧବାର ଓ ରବିବାର ନିୟନ୍ତ୍ରିତ ବଜାର କମିଟି ଉଠାଇବାର ନିୟମ ରହିଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ତାହା ପରିଲିଖିତ ହେଉନାହିଁ। କେବଳ କାଗଜକଲମରେ ଏସବୁ ଚାଲିଛି। ମାସେ ଦୁଇମାସରେ ଥରେ ଆବର୍ଜନା ଉଠାଉଥିଲେ ମଧ ସପ୍ତାହକୁ ଦୁଇଥର ସଫେଇ ହେଉଥିବା ଦର୍ଶାଇ ବଜାର କମିଟି ଲକ୍ଷାଧିକ ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହୋଇଛି।

ଅନ୍ୟପଟେ ଏଠାରେ ପରିବା ହାଟ ଯୋଗୁ ପରିବେଶ ପ୍ରଦୂଷିତ ହେଉଥିବାରୁ ତତ୍କାଳୀନ ବିଧାୟକ ଡା. ଦାମୋଦର ରାଉତ ପରିବା ହାଟ ତାଳଦଣ୍ଡା କେନାଲବନ୍ଧର ଉତ୍ତର ପାର୍ଶ୍ୱରେ ନିର୍ମାଣ କରିବା ପାଇଁ ପରମାର୍ଶ ଦେଇଥିଲେ। ତାଙ୍କ ପରାମର୍ଶ ଅନୁସାରେ ହାଟ ନିର୍ମାଣ ପାଇଁ ପ୍ରାୟ ଏକ ବର୍ଷରୁ ଉର୍ଦ୍ଧ୍ୱହେବ ବ୍ଲକ ଉନ୍ନୟନ ପାଣ୍ଠିରୁ ୧୦ ଲକ୍ଷଟଙ୍କା ବ୍ୟୟ ଅଟକଳ କରାଯିବା ସହ ଜଳସେଚନ ବିଭାଗରୁ ଅନୁମତି ମଧ ଆସିସାରିଛି। ହେଲେ ତାହା ଏ ପର୍ଯ୍ୟନ୍ତ ନିର୍ମାଣ ହୋଇ ପାରୁନାହିଁ। ସେହିପରି ମେଳଣ ପଡ଼ିଆ ଦୋଳ ମେଳଣ ଓ ପୂଜା ଏବଂ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ। ତେଣୁ ଏଠାରେ ହାଟ ବସିବା କଥା ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଉକ୍ତ ପଡିଆ ବଜାରର ମଧ୍ୟସ୍ଥଳରେ ଥିବାରୁ ଦୈନିକ ହଜାର ହଜାର ଲୋକ ବଜାରର ଚର୍ତୁଦିଗକୁ ଏହି ପଟେ ଯାଆସ କରନ୍ତି। ତେବେ ଏଠାରେ ଜମା ହୋଇଥିବା ଅଳିଆ ଗଦାକୁ ଦେଖିଲେ ଯେକେହି ଭ୍ରମରେ ପଡିବେକି ଏହା ମେଳଣ ପଡିଆ ନା ଡମ୍ପିଂୟାର୍ଡ? ଏହି ଆବର୍ଜନା ଗଦାରୁ ଯେଉଁ ଦୁର୍ଗନ୍ଧ ବାହାରୁଛି ତାହା ବଜାରକୁ ପ୍ରଦୂଷିତ କରୁଛି। ପରିବା ହାଟ ସଫେଇ ସମ୍ପର୍କରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଶାଶ୍ୱତ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରତି ହାଟ ବାରିର ପରଦିନ ସଫେଇ କରାଯାଉଛି। ଏସବୁ ଦାୟିତ୍ୱ ସ୍ଥାନୀୟ ହାଟ ଦଣ୍ଡିଆଙ୍କ ଉପରେ ନ୍ୟସ୍ତ କରାଯାଇଛି। ତଥାପି ଯଦି ଏଥିରେ ଅବହେଳା କରାଯାଉଥିବା ଜଣାଯାଏ ସେ ସମ୍ପର୍କରେ ଦାଣ୍ଡିଆଙ୍କୁ ଅବଗତ କରାଯିବ ବୋଲି ସୂଚନା ଦେଇଛନ୍ତି। ସ୍ଥାୟୀ ପରିବା ହାଟ ସମ୍ପର୍କରେ କୁଜଙ୍ଗ ସଦର ସରପଞ୍ଚ ଭାରତ ଭୂଷଣ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଏକ ବର୍ଷ ପୂର୍ବରୁ ପରିବାହାଟ ନିର୍ମାଣ ନିମନ୍ତେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତହା ପୁଣି ବ୍ଲକ ଉନ୍ନୟନ ପାଣ୍ଠିରୁ। ହେଲେ ବ୍ଲକ ପ୍ରଶାସନ ଚିହ୍ନଟ ସ୍ଥାନରେ ପରିବା ହାଟ ନିର୍ମାଣ ନ କରି କାହିଁ ଚୁପ୍ ବସିଛନ୍ତି ସେ ହିଁ କହିବେ ବୋଲି ପ୍ରକାଶ କରିଥିଲେ। ଏ ସମ୍ପର୍କରେ କୁଜଙ୍ଗ ବ୍ଲକ ଦାୟିତ୍ୱରେ ଥିବା ଏବିଡିଓ ସନ୍ତୋଷ ଶତପଥୀଙ୍କୁ ପଚାରିବାରେ ସେ କହିଛନ୍ତି, ପରିବା ହାଟ ନିର୍ମାଣ ସମ୍ପର୍କରେ କ'ଣ ନିଷ୍ପତ୍ତି ହୋଇଛି ତାଙ୍କୁ ଜଣାନାହିଁ। ତେଣୁ ଏହି ସମସ୍ୟା ପ୍ରତି ଜିଲାପାଳ ଦୃଷ୍ଟିଦେବାକୁ ବିଭିନ୍ନ ସଙ୍ଗଠନ, ଚାଷୀ ଓ ବ୍ୟବସାୟୀ ଦାବି କରିଛନ୍ତି।



କୁଜଙ୍ଗ ହାଟ ପରିସରରେ ଗଦା ହୋଇଥିବା ଆବର୍ଜନା।

- ମେଳଣ ପଡ଼ିଆ ହାଟରେ ଜମାହେଉଛି କୁଢ଼କୁଢ଼ ଆବର୍ଜନା
- ଆର୍‌ଏମ୍‌ସି ଦର୍ଶାଉଛି ସପ୍ତାହକୁ ଦୁଇଥର ସଫେଇ
- ଜିଲାପାଳ ଦୃଷ୍ଟିଦେବାକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି

## ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ହରିଣ ବନ ବିଭାଗକୁ ହସ୍ତାନ୍ତର

**ରଘୁନାଥପୁର,୬।୧(ଡି.ଏନ୍.ଏ.)**

ଖାଦ୍ୟ ଅନ୍ୱେଷଣରେ ଆସିଥିବା ଏକ ହରିଣକୁ ସୋମବାର ଅୟର ଗ୍ରାମବାସୀ ଉଦ୍ଧାର କରି ଜଗତ୍‌ସିଂପୁର ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ପ୍ରାତଃରେ ଦୁଇଟି ହରିଣ ଗ୍ରାମ ମହାଦେବ ମନ୍ଦିର ନିକଟରେ ଥିବା ଜମିରେ ଧାନ ଫସଲ ଖାଉଥିବା ବେଳେ କୁନା ଦାସ ଓ ଗ୍ରାମବାସୀମାନେ ଗୋଟିଏ ହରିଣକୁ ଧରିଥିଲେ। ଖବରପାଇ ରେଞ୍ଜର ବଳରାମ ବେହେରା, ଫରେଷ୍ଟର ରାଜେନ୍ଦ୍ର ସାମନ୍ତରାୟ ଓ ସୁକାନ୍ତ ବେହେରା ପ୍ରମୁଖ ଗ୍ରାମରେ ପହଞ୍ଚି ହରିଣକୁ ଉଦ୍ଧାର କରି ଧଳତଙ୍ଗଗଜ ଜଙ୍ଗଲରେ ଛାଡିଥିଲେ। ଏହି ଜଙ୍ଗଲ ଚତୁଃପାର୍ଶ୍ୱରେ ପାଚେରି ନ ଥିବାରୁ ହରିଣମାନେ ସ୍ଥାନୀୟ ଅଞ୍ଚଳକୁ ଆସି ଚାଷୀଙ୍କ ଫସଲ ନଷ୍ଟ କରିଥାନ୍ତି। ଜଙ୍ଗଲ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ପାଇଁ ପ୍ରାଣୀ ତତ୍ତ୍ୱାବଧାରକ ବିଜୟ ସ୍ୱାଇଁ, ବିଜନ ମହାପାତ୍ର, ଗୋବିନ୍ଦ ଝା, ଇଂ. ବାବାଜୀ ଜେନା ଓ ପାର୍ଥଶାଖା ପାଲଟାସିଂ ଦାବି କରିଛନ୍ତି।


ଜେଏନୟୁ ଛାତ୍ରୀଛାତ୍ର, ପ୍ରାଧ୍ୟାପକଙ୍କୁ ଆକ୍ରମଣକୁ ବିରୋଧ କରି ଜଗତ୍‌ସିଂହପୁର ବିଜୁ ଛାତ୍ର ଜନତା ଦଳର ଶୋଭାଯାତ୍ରା।

## ଜେଏନୟୁ ଛାତ୍ରୀଛାତ୍ର, ପ୍ରାଧ୍ୟାପକଙ୍କୁ ଆକ୍ରମଣକୁ ନିନ୍ଦା

# ବିଜୁ ଛାତ୍ର ଜନତା ଦଳର ଶୋଭାଯାତ୍ରା

**ଜଗତ୍‌ସିଂହପୁର ଅଫିସ, ୬।୧**

ନୂଆଦିଲ୍ଲୀସ୍ଥିତ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପରିସରରେ ଦୁର୍ବୃତ୍ତମାନେ ଯେଉଁଭଳି ଭାବରେ ଛାତ୍ରୀଛାତ୍ର ଓ ପ୍ରାଧ୍ୟାପକଙ୍କୁ ଆକ୍ରମଣ କରିଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ଏହାକୁ ଦୃଢ ନିନ୍ଦା କରିଛି ଜଗତ୍‌ସିଂହପୁର ବିଜୁ ଛାତ୍ର ଜନତା ଦଳ। ଜେଏନ୍‌ୟୁ ପରିସରରେ ଶାନ୍ତି ଫେରାଇ ଆଣିବା ପାଇଁ ଦଳ ପକ୍ଷରୁ ସୋମବାର ଏକ ମହମବତୀ ଶୋଭାଯାତ୍ରା କରାଯାଇଥିଲା। ଶୋଭାଯାତ୍ରା ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଜଗତ୍‌ସିଂହପୁର ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ଯଥା ସୌମ୍ୟରଞ୍ଜନ ସାହୁ, ଅଶ୍ୱିନୀ ବାରିକ, ଲୋକନାଥ ସ୍ୱାଇଁ, ଅଶୋକ ଦାସ, ପୁଷ୍ପକ ରଞ୍ଜନ ସାହୁ, ଅତିସ କୁମାର ସ୍ୱାଇଁ, ଏସ୍. କେ. ଇମ୍‌ତିଆଜ୍, ସୌମ୍ୟରଞ୍ଜନ ମହାନ୍ତି, ପୁଣ୍ୟବ୍ରତ ଦାସ, ଏସ୍ ଷ୍ଟିଭେନ୍, ଅରଜୀତ ମହାପାତ୍ର, ବିଜୟ କେତନ ସାହୁ, ଶ୍ରୀଚନ୍ଦନ ନାୟକ, ଏସ୍. କେ. ମମିନ୍, ବିଜୟ କୁମାର ବେହେରା, ଶରତ ଦାସ ଓ ସତ୍ୟଜୀତ ଛୋଟରାୟଙ୍କ ସମେତ ଶତାଧିକ ଛାତ୍ର ଅଂଶଗ୍ରହଣ କରିଥିଲେ।

## ରାସ୍ତା ଜବରଦଖଲ ଉଚ୍ଛେଦ ଦାବି

**ବାଲିଆ,୬।୧(ଡି.ଏନ.ଏ.)**

ବିରିଡି ବ୍ଲକ ଅନ୍ତର୍ଗତ କୁଳକଇଜଙ୍ଗାର ୨ ଓ ୩ ନଂ ୱାର୍ଡରେ ବସବାସ କରୁଥିବା କିଛି ଲୋକ ରାସ୍ତାକୁ ମଡାଇ ଘର ଓ ପାଚେରି ନିର୍ମାଣ କରିଛନ୍ତି। ଫଳରେ ରାସ୍ତା ଦିନକୁ ଦିନ ସଙ୍କୁଚିତ ହୋଇଯାଉଛି। ଏନେଇ ସୋମବାର କେତେଜଣ ଗ୍ରାମବାସୀ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତୁରନ୍ତ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ସେମାନେ ଦାବି କରିଛନ୍ତି। ଅଭିଯୋଗପରେ ଏହାର ତଦନ୍ତ ପାଇଁ ତହସିଲଦାର ସମ୍ପୃକ୍ତ ପଞ୍ଚାୟତର ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୁଳକଇଜଙ୍ଗା ଗ୍ରାମର ମଝି ସାହିରେ ଥିବା ରାସ୍ତା ରାମ ଅଭିଶେକଠାରୁ ଭାଗବତ ଘର ଦେଇ କନ୍ଦରପୁର-ନୂଆ ଗାଁ ଜାତୀୟ ରାଜପଥକୁ ସଂଯୋଗ ହୋଇଛି। ମାତ୍ର ଜବରଦଖଲ ଯୋଗୁ ଏହି ରାସ୍ତା ସଙ୍କୁଚିତ ହେବାରେ ଲାଗିଛି। ଫଳରେ ରାସ୍ତା ଦେଇ ଚାରି ଚକିଆ ଯାନ ଯିବାରେ ଅସୁବିଧା ହେଉଥିବା ବେଳେ ଜରୁରୀକାଳୀ ପରିସ୍ଥିତରେ ଆମ୍ବୁଲାନ୍ସ ପଶିବାରେ ସମସ୍ୟା ହେଉଛି। ଅପରପକ୍ଷେ ଏହି ରାସ୍ତା କଡ ଦେଇ ଏକ ଖୋଲା ଡ୍ରେନ ଯାଇଛି। ସେଥିରୁ ପାଣି ସମ୍ପୂର୍ଣ୍ଣ ରୂପେ ନିଷ୍କାସନ ହୋଇପାରୁନାହିଁ। ଡ୍ରେନ ଭିତରେ ପାଣି ଭର୍ତ୍ତି ହୋଇ ପୂର୍ତ୍ତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ପରିବେଶ ଦୂଷିତ ହେବା ଯୋଗୁ ବିଭିନ୍ନ ଜଳବାହିତ ରୋଗ ହେବାର ଆଶଙ୍କା ରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ସୁଶାନ୍ତ ପରିଜା, ବେଣୁଧର ବାରିକ, ଦ୍ୱିଜବର ମୁଦୁଲି, ଅଲେଖ ପ୍ରଧାନ, ଭାସ୍କର ବେହେରା, ଦିଗବିଜୟ ଲେଙ୍କା, ନିରଞ୍ଜନ ମିଶ୍ର ଓ ଚିତ୍ତରଞ୍ଜନ ଲେଙ୍କା ପ୍ରମୁଖ ଦାବି କରିଛନ୍ତି।


ତହସିଲ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

## ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

**ପାରାଦୀପ,୬।୧(ସ୍ୱ.ପ୍ର.)**

ନିଖୋଜ ଥିବା ଜଣେ ମତ୍ସ୍ୟଜୀବୀଙ୍କ ମୃତଦେହ ପାରାଦୀପ ମାଛଧରା ବନ୍ଦର ପୋତାଶ୍ରୟରୁ ସୋମବାର ଉଦ୍ଧାର ହୋଇଛି। ମେରାଇନ ଥାନା ପୋଲିସ ମୃତଦେହକୁ ଉଦ୍ଧାର କରିଛି। ମୃତବ୍ୟକ୍ତି ହେଲେ ଭଦ୍ରକ ଜିଲା ଚାରିବର୍ତ୍ତୀ ଅଞ୍ଚଳର ଉପେନ୍ଦ୍ର ପରିଡ଼ା(୪୦)। ନୂଆବର୍ଷ ରାତିରୁ ସେ ନିଖୋଜ ଥିଲେ ବୋଲି ଥାନାରେ ଅଭିଯୋଗ ହୋଇଥିଲା। ଉପେନ୍ଦ୍ର କାଳିଆସୁନା ନାମକ ମାଛଧରା ଟ୍ରଲରରେ ଷ୍ଟାଫ୍ ଥିଲେ। ସୋମବାର ପୋତାଶ୍ରୟର ୧ନଂ ଜେଟି ପାଖରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକଙ୍କ ପରିବାର ଲୋକେ ଭଦ୍ରକରୁ ଆସି ପହଞ୍ଚିବା ପରେ ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଥାନାଧିକାରୀ ପ୍ରଦ୍ୟୁମ୍ନ କୁମାର ବେହେରା କହିଛନ୍ତି, ସମ୍ପୃକ୍ତ ମତ୍ସ୍ୟଜୀବୀ ପ୍ରାୟତଃ ନିଶାଶକ୍ତ ଅବସ୍ଥାରେ ରହିଥାନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହୁଏତ ସେ ୧ ତାରିଖ ରାତିରେ ନିଶାସକ୍ତ ହୋଇ ପାଣିରେ ପଡ଼ିଥାଇ ପାରନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ।

# ପିପିଏଲ ଜଳାଶୟରେ ୨୭ ହଜାରରୁ ଉର୍ଦ୍ଧ୍ୱ ପକ୍ଷୀ

**ପାରାଦୀପ,୬।୧(ସ୍ୱ.ପ୍ର.)**

ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ୍ (ପିପିଏଲ୍) ପରିସରରେ ଥିବା ୧୬ଟି ବୃହତ ଜଳାଶୟରେ ଚଳିତବର୍ଷ ରେକର୍ଡ ସଂଖ୍ୟକ ଦେଶୀ-ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଛି। ସୋମବାର ରାଜନଗର ବନଖଣ୍ଡ ପକ୍ଷରୁ ମିଳିଥିବା ପକ୍ଷୀଗଣନା ରିପୋର୍ଟ ଅନୁସାରେ ୨୭ ହଜାରରୁ ଉର୍ଦ୍ଧ୍ୱ ପକ୍ଷୀ ଏସବୁ ଜଳାଶୟରେ ଅଛନ୍ତି। ୩୮ ପ୍ରଜାତିର ପକ୍ଷୀ ଏଥିରେ ଅନ୍ତର୍ଭୁକ୍ତ। ଓ୍ୱିଙ୍ଗେଡଗେଷ୍ଟ ଭଳି ନୂଆ ପକ୍ଷୀ ରହିଛନ୍ତି ବୋଲି ବନବିଭାଗର ରେଞ୍ଜ ଅଫିସର ମାନସ କୁମାର ଦାସ କହିଛନ୍ତି। ସୂଚନାଥାଉକି ପିପିଏଲ୍ ପରିସରରେ ୧୬ଟି ବଡ଼ ଜଳାଶୟ ରହିଛି। ସେଥିରେ ଗତ ୧୦ ବର୍ଷ ହେଲା ଶୀତଦିନେ ଦେଶୀ-ବିଦେଶୀ ପକ୍ଷୀଙ୍କ ଉପସ୍ଥିତି ଦେଖିବାକୁ ମିଳିଛି। ଅଧିକ ସଂଖ୍ୟାରେ ପକ୍ଷୀ ଆସିବାଯୋଗୁ ପ୍ରତିବର୍ଷ ଗଣନା ମଧ କରାଯାଉଛି। ପିପିଏଲ କର୍ତ୍ତୃପକ୍ଷ ପକ୍ଷୀଙ୍କ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି। କୌଣସି ଲୋକ ଯେପରି ପକ୍ଷୀଙ୍କୁ ବ୍ୟାହତ ନ କରନ୍ତୁ ସେଥିପାଇଁ କଠୋର ବ୍ୟବସ୍ଥା ମଧ ଆପଣେଇଛନ୍ତି। ନିରୋଳା ପରିବେଶ, ଉପଯୁକ୍ତ ବାସ ଓ ଖଦ୍ୟ ପର୍ଯ୍ୟାପ୍ତ ପରିମାଣରେ ଥିବାରୁ ପକ୍ଷୀଙ୍କ ପାଇଁ ଉପଯୋଗୀ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି। ଏଥିସହ ପର୍ଯ୍ୟାବରଣ କ୍ଷେତ୍ରରେ ସମସ୍ତ କମ୍ପାନୀଠାରୁ ଅଧିକ ଏବଂ ଧାର୍ଯ୍ୟ ୩୩ ପ୍ରତିଶତଠାରୁ ୫ ପ୍ରତିଶତ ଗଛ କମ୍ପାନୀ ପରିସରରେ ରହିଛି। ପ୍ରଦୂଷଣ ଯୁକ୍ତ କାରଖାନା ପରିସରରେ ବିଦେଶୀ ପକ୍ଷୀ କେବେ ରହି ନ ଥାନ୍ତି। କମ୍ପାନୀର ପ୍ରଦୂଷଣ ନୀତି ପକ୍ଷୀଙ୍କ ଆଗମନରୁ ଜଣାଯାଏ ବୋଲି କମ୍ପାନୀ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।


ପିପିଏଲ୍ ଜଳାଶୟରେ ଥିବା ପକ୍ଷୀ।

## ଜଗତ୍‌ସିଂହପୁର ଜିଲା ପ୍ରାଥମିକ ବିଦ୍ୟାଳୟ

# କ୍ରୀଡ଼ା ସାମଗ୍ରୀ କିଣାରେ ଦୁର୍ନୀତି

- ଆବଶ୍ୟକ ମୁତାବକ ଖେଳପଡ଼ିଆ ନାହିଁ
- ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି

**ଜଗତ୍‌ସିଂହପୁର ଅଫିସ, ୬।୧**

କେନ୍ଦ୍ର ଓ ରାଜ୍ୟ ସରକାର ବିଦ୍ୟାଳୟସ୍ତରରେ କ୍ରୀଡ଼ାର ବିକାଶ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ କ୍ରୀଡ଼ା ଅନୁଦାନ ଯୋଗାଯାଇଛି। ଏହି ଅନୁଦାନରେ ବିଦ୍ୟାଳୟଗୁଡିକ ବିଭିନ୍ନ ପ୍ରକାର କ୍ରୀଡା ସାମଗ୍ରୀ କ୍ରୟ କରିବାକୁ ନିର୍ଦ୍ଦେଶ ରହିଛି। କେନ୍ଦ୍ର ସରକାର ଅନୁଦାନ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା) ପ୍ରତି ଜିଲାକୁ ଅନୁଦାନ ଯୋଗାଇ ଦେଇଛି। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲାର ୧,୨୫୩ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ୭୫,୭୫,୦୦୦ ଟଙ୍କା ଅନୁଦାନ ଆସିଛି। କିନ୍ତୁ ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ସରକାରୀ ନିର୍ଦ୍ଦେଶ ମୁତାବକ ପ୍ରାଥମିକ ବିଦ୍ୟାଳୟ ପିଛା ୫ ହଜାର ଓ ଉଚ୍ଚ ପ୍ରାଥମିକ ପିଛା ୧୦ ହଜାର ଟଙ୍କା ଦିଆଯାଇଛି।

ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରତି ବିଦ୍ୟାଳୟ ଆକାଉଣ୍ଟକୁ ଅନୁଦାନ ରାଶି ଯୋଗାଇ ଦିଆଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ଖେଳ ସାମଗ୍ରୀ କିଣିବା ପାଇଁ ଚିଠି କରାଯାଇଛି। ବିଦ୍ୟାଳୟଗୁଡିକ ହ୍ୟାଣ୍ଡବଲ୍, ଲୁଡୁ ପାଲି, ଚେସ୍, ସଟ୍‌ପୁଟ୍, ବ୍ୟାଡମିଣ୍ଟନ, ଭଲି ବଲ, ଜାଭଲିନ୍, ହାଣ୍ଡବଲ୍, କ୍ରିକେଟ୍ ସେଟ୍, କ୍ୟାରମ୍ ବୋର୍ଡ ଆଦି ମଧ୍ୟରୁ ସେମାନଙ୍କ ପସନ୍ଦର ସାମଗ୍ରୀ କ୍ରୟ କରିପାରିବେ। କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦିଷ୍ଟ ସପ୍ଲାୟରଙ୍କଠାରୁ ଏସବୁ ସାମଗ୍ରୀ କିଣିବା ପାଇଁ ପ୍ରବର୍ତ୍ତାଯାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ କେତେଜଣ ଶିକ୍ଷକ ସେମାନଙ୍କ ନାମ ଗୋପନ ରଖି କହିଛନ୍ତି, ସିଆର୍‌ସିସିମାନଙ୍କ ଜରିଆରେ ନିର୍ଦ୍ଦିଷ୍ଟ ଦୋକାନରୁ ସାମଗ୍ରୀ କିଣିବା ପାଇଁ କୁହାଯାଇଥିଲା। ଯଦି କେହି ନିଜ ପସନ୍ଦର ଦୋକାନରୁ କିଣନ୍ତି ତେବେ ଆଗକୁ ଅଡିଟ୍ କିମ୍ବା ଅନ୍ୟ କିଛି ଅସୁବିଧା ହେଲେ ସେତେବେଳେ ସହଯୋଗ ମିଳିବ ନାହିଁ ବୋଲି ପରୋକ୍ଷ ଚେତାବନୀ ଦିଆଯାଇଥିଲା। ଏହି ଭୟରେ ଅଧିକାଂଶ ବିଦ୍ୟାଳୟ ସିଆର୍‌ସିସିମାନଙ୍କ କଥାରେ ରାଜି ହୋଇ ଯାଇଥିଲେ। ବିଦ୍ୟାଳୟଗୁଡିକ କିଣିଥିବା ବିଲ୍ ଅନୁଧ୍ୟାନ କରାଗଲେ ବାସ୍ତବ ଚିତ୍ର ପଦାକୁ ଆସିବ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଜିଲାରେ ଥିବା ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକ ମଧ୍ୟରୁ ପାଖାପାଖି ୭୦ ଭାଗରେ ଖେଳ ପଡିଆ ନାହିଁ। ଏପରି କି କାଗଜପତ୍ରରେ କେତେକ ବିଦ୍ୟାଳୟର ଖେଳ ପଡିଆ ଦର୍ଶାଯାଉଥିଲେ ସୁଦ୍ଧା ବାସ୍ତବ କ୍ଷେତ୍ରରେ ତାହା ନାହିଁ। ଏପରି କି ଜିଲା ମୁଖ୍ୟାଳୟରେ ଥିବା ଏକାଧିକ ବିଦ୍ୟାଳୟରେ ଖେଳ ପଡିଆ ନ ଥିବାରୁ ଛାତ୍ରୀଛାତ୍ର ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସୁଯୋଗରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁଣାବତ୍ତା ନ ପରଖି ଯେନତେନ ପ୍ରକାରେଣ ଅର୍ଥାତ୍ ଶସ୍ତାରେ ଖେଳ ସାମଗ୍ରୀ କିଣୁଥିବା କୁହାଯାଉଛି। କାରଣ ଏହି ସାମଗ୍ରୀ ବ୍ୟବହାର ହେବାର ସମ୍ଭାବନା କମ ଥିବାରୁ ବିଦ୍ୟାଳୟ, ସିଆର୍‌ସିସି ଓ ଡିପିସି ସପ୍ଲାୟର୍ସଙ୍କ ସହ ସଲାସୁତୁରାରେ ଅଧିକ ଟଙ୍କାର ବିଲ୍ କରି ବେସ୍ କିଛି ଅର୍ଥ ହାତେଇବାକୁ ସକ୍ଷମ ହୋଇଥିବା ଅଭିଯୋଗ ହୋଇଛି। ତବେ ଏ ଦିଗରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି। ଏସମ୍ପର୍କରେ ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ସପନ କୁମାର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ବିଦ୍ୟାଳୟଗୁଡିକ ସେମାନଙ୍କ ପସନ୍ଦର ଦୋକାନରୁ ସାମଗ୍ରୀ କିଣିବାକୁ ଚିଠି କରାଯାଇଥିଲା। ଏଥିରେ କୌଣସି ଦୁର୍ନୀତି ହୋଇନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୭/୨୦୨୦ Bhubaneswar, Tuesday, January 7/ 2020




■ ଟ୍ରକ୍ ଧକ୍କାରେ ୪ର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ


ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଛନ୍ତି ।

**କୋରେଇ,୬।୧(ସ୍ୱ.ପ୍ର)**

ପାଣିକୋଇଲି ଥାନା ଜହ୍ନା ପଞ୍ଚାୟତର କୁରୁପଦା ଗ୍ରାମରେ ଏକ ଟ୍ରକ ଧକ୍କାରେ ଜଣେ ଛାତ୍ରଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ର କରୁପଦା ଗ୍ରାମର ସ୍ୱର୍ଗତ ଶଶିକାନ୍ତ ଦାସ ଓ ସୁଲୋଚନା ଦାସଙ୍କ ସାନପୁଅ ରାକେଶ (୧୦) ବୋଲି ଜଣାପଡ଼ିଛି। ସେ ଘଟକେଶ୍ୱର ନୋଡାଲ ୟୁପି ସ୍କୁଲର ୪ର୍ଥ ଶ୍ରେଣୀ ଛାତ୍ର ଥିଲେ। ରାସ୍ତାରେ ଟ୍ରକ ଚଳାଚଳ ବନ୍ଦ ଦାବିରେ ଗ୍ରାମବାସୀମାନେ ଦୁଇ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୋଲିସ ଓ ତହସିଲଦାର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଟ୍ରକ ଚଳାଚଳ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

ପ୍ରକାଶଯେ, ରାକେଶ ଏକ ସାଇକେଲେ ଯୋଗେ ସ୍କୁଲରୁ ଘରକୁ ଫେରୁଥିବାବେଳେ ତାଙ୍କ ଘରର ଅନତୀ ଦୂରରେ ଏକ ସିମେଣ୍ଟ ବୋଝେଇ ଟ୍ରକ (ଓଆର୦୪ଇ୨୮୯୩) ତାଙ୍କୁ ଧକ୍କା ଦେଇ ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଟୋଲଗେଟ ଫାଙ୍କିବା ପାଇଁ ଦୈନିକ ଶତାଧିକ ଟ୍ରକ ଏହି ରାସ୍ତା ଦେଇ ଯାତାୟତ କରୁଥିବାରୁ ତାହା ଦୁର୍ଘଟଣାର ପ୍ରମୁଖ କାରଣ ପାଲଟିଛି। ରାକେଶଙ୍କ ମୃତ୍ୟୁପରେ ଉକ୍ତ ରାସ୍ତାରେ ଟ୍ରକ ଚଳାଚଳ ବନ୍ଦ ଦାବିରେ ଗ୍ରାମବାସୀଙ୍କ ପକ୍ଷରୁ ଦୁଇଘଣ୍ଟା କାଳ ରାସ୍ତା ଅବରୋଧ କରାଯାଇଥିଲା। ଘଟଣାସ୍ଥଳରେ ପାଣିକୋଇଲି ପୋଲିସ, ଏସଡିପିଓ ଚିନ୍ମୟ ନାୟକ, ଭାରପ୍ରାପ୍ତ ତହସିଲଦାର ରଶ୍ମୀତା ସ୍ୱାଇଁ, ଥାନାଧିକାରୀ ଅଜୟ କୁମାର ଜେନା ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ତହସିଲଦାର ଜିଲା ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କାର ସହାୟତା ଘୋଷଣା କରିବା ସହ ଥାନାଧିକାରୀ ସୁବଦିନେ ଟ୍ରକ ଚଳାଚଳ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ହଟିଥିଲା। ପରେ ପୋଲିସ ରାକେଶଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଟ୍ରକଟିକୁ ଜବତ କରିଛି।

ଦାନିଆବର ହତ୍ୟାକାଣ୍ଡ ଘଟଣା

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**କଳାିଙ୍ଗନଗର,୬।୧(ଡି.ଏନ.ଏ)**

ଯାଜପୁର ରୋଡ ଥାନା ଦାନିଆବର ଗ୍ରାମରେ ଗତ ୩ବର୍ଷ ତଳେ ହୋଇଥିବା ଏକ ହତ୍ୟାକାଣ୍ଡର ରାୟ ଶୁଣାଇଛନ୍ତି ଯାଜପୁରରୋଡ ଅତିରିକ୍ତ ଦୌରାଜଜ୍ ଦେବବ୍ରତ ମହାପାତ୍ର। ୨୦୧୭ ଜାନୁୟାରୀ ୧୨ରେ ଘରୋଇ କଳହକୁ କେନ୍ଦ୍ରକରି ମାମୁ ଅଜଗର ଅଲ୍ଲୀ ଭଣଜା ନାବାଳକ ସଲାଉଦ୍ଦିନଙ୍କୁ ହତ୍ୟା କରି ଏକ ପଲିଥିନରେ ବାନ୍ଧି ଗଣ୍ଡାନାଳରେ ଫୋପାଡି ଦେଇଥିଲେ। ଯାଜପୁରରୋଡ ପୋଲିସ ଏହି ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ମାମୁ ଅଜଗର ଅଲ୍ଲୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ଏହି ଘଟଣାର ରାୟ ଶୁଣାଇ ବିଚାରପତି ମହାପାତ୍ର ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ମୃତ ଭଣଜାଙ୍କ ପରିବାରକୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।




# ଦୁର୍ଘଟଣାରେ କଲେଜ ଛାତ୍ର ଗୁରୁତର

**ଦଶରଥପୁର,୬।୧(ଡିଏନ୍ଏ)**

କଲେଜକୁ ଯାଉଥିବା ଜଣେ ଛାତ୍ର ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣାଯାଇଛି। ସୂଚନା ଯେ, ଚିତାଲୋ ମହାବିଦ୍ୟାଳୟରେ ଯୁକ୍ତ ୨ ପଢୁଥିବା ଯାଜପୁର ପୌରାଞ୍ଚଳ ଅଧୀନ କୁଆଁସରପୁର ଅଞ୍ଚଳର ସଂଜୟ ନାୟକ (୧୭) ସୋମବାର ସାଇକେଲ ଯୋଗେ କଲେଜକୁ ଯାଉଥିବାବେଳେ ରଘୁପୁର ନିକଟରେ ତାଙ୍କୁ ପଛରୁ ଏକ ବୁଲେଟ ଗାଡ଼ି (ଓଡ଼ି୦୪ଏନ୍ - ୧୭୧୦) ଧକ୍କା ଦେଇଥିଲା। ଫଳରେ ସଂଜୟ ଗୁରୁତର ହୋଇଥିଲେ। ବୁଲେଟ ଗାଡ଼ିର ଚାଳକ ମଧ୍ୟ ଆହତ ହୋଇଥିବା ଦେଖି ନିକଟରେ ଥିବା ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସଂଜୟଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଓଡ଼ଗାଁ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ : ହାଲ୍ ସୁନାବେଡ଼ା ଟିମ୍ ଫାଇନାଲରେ

ଓଡ଼ଗାଁ,୬।୧(ସ୍ୱ.ପ୍ର.)-ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନି ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ଓଡ଼ଗାଁ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୋମବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ସାଇ ସ୍ପୋର୍ଟସ ଟ୍ରେନିଂ ସେଣ୍ଟର (ହାଲ) ସୁନାବେଡ଼ା ୪-୧ଗୋଲରେ ମା ଭୁଆସୁଣୀ କ୍ଲବ ବିଡାନାସୀ(କଟକ)କୁ ହରାଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧରେ ସୁନାବେଡା ଗୋଟିଏ ବିଜୟ ସୂଚକ ଗୋଲ ଦେଇ ମ୍ୟାଚକୁ ୧-୦ ଗୋଲରେ ଅଗ୍ରଣୀ କରିଥିବା ବେଳେ ପ୍ରତିପକ୍ଷ କଟକ ଟିମ୍ କୌଣସି ଜବାବୀ ଗୋଲ କରିପାରି ନ ଥିଲା । ହେଲେ ପରବର୍ତ୍ତୀ ସମୟରେ ମ୍ୟାଚ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ଏକତରଫା ଭଳି ଦର୍ଶକ ଅନୁଭବ କରିଥିଲେ । ହେଲେ ଦ୍ୱିତୀୟାର୍ଦ୍ଧରେ ସୁନାବେଡ଼ା ୩ ଓ କଟକ ସେମାନଙ୍କ ଏକମାତ୍ର ଗୋଲ ଦେଇଥିବା ବେଳେ ସୁନାବେଡା ଟିମ୍ ୪-୧ ଗୋଲରେ ବିଜୟ ଲାଭ କରିବା ସହିତ ପ୍ରଥମ ଟିମ ଭାବେ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ୨ୟ ସେମି ଫାଇନାଲ ମ୍ୟାଚ ୟାଜଦାନୀ କ୍ଲବ-୭୩ ଭୁବନେଶ୍ୱର ସହିତ ପଦ୍ମଶ୍ରୀ ସ୍ପୋର୍ଟିଂ କ୍ଲବ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହେଉଥିବା ଟୁର୍ଣ୍ଣାମେଣ୍ଟ କମିଟି ସମ୍ପାଦକ ଦିବାକର ନାୟକ ସୂଚନା ଦେଇଛନ୍ତି।

### ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

ବ୍ରହ୍ମପୁର ଅଫିସ,୬।୧: ଗଞ୍ଜାମ ଓକିଲ ସଂଘ ସଦସ୍ୟ ଆଇନଜୀବୀ ମାଣିକେଶ୍ୱରୀ ପ୍ରସାଦ ଦେଓଙ୍କ ବିୟୋଗରେ ସୋମବାର ବାର୍ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ଉପସଭାପତି ଚିତ୍ତରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୃତ ଆଇନଜୀବୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ସେହିପରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପାଇଁ ସମବେଦନା ଜ୍ଞାପନ କରାଯାଇଥିଲା। ଏଥିରେ ସଂଘ ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ, ମୋହନ ସିଙ୍ଗାରି, ପୀତବାସ ପଣ୍ଡା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, କପିଳ ପଟ୍ଟନାୟକ, ଜନାର୍ଦ୍ଦନ ସୁବୁଦ୍ଧି, ପ୍ରଫୁଲ୍ଲ ଗୌଡ଼, ସଞ୍ଜୟ ମିଶ୍ର, ଅକ୍ଷୟ ପଟ୍ଟନାୟକ, ବରୁଣ ଗୌଡ଼, କରୁଣାକର ପାଣିଗ୍ରାହୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### 'ଏମ୍‌ବିଏ ପାଠ୍ୟକ୍ରମରେ ଭବିଷ୍ୟତ' ଶୀର୍ଷକ ଆଲୋଚନାଚକ୍ର

ବ୍ରହ୍ମପୁର ଅଫିସ,୬।୧: ବ୍ରହ୍ମପୁର ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାରିୟର କାଉନ୍‌ସେଲିଂ ସେଲ ପକ୍ଷରୁ 'ଏମ୍‌ବିଏ ପାଠ୍ୟକ୍ରମରେ ଭବିଷ୍ୟତ' ସମ୍ପର୍କିତ ଆଲୋଚନା ଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ହବିବ ଖାନ ବକ୍ତା ଭାବେ ଯୋଗଦେଇ ଏମ୍‌ବିଏ ପାଠ୍ୟକ୍ରମରେ ଅଧ୍ୟୟନ ପରେ ରହିଥିବା ବିଭିନ୍ନ ନିଯୁକ୍ତି ସୁବିଧା ଓ ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏଥିରେ ୧୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କ୍ୟାରିୟର କାଉନ୍‌ସେଲିଂ ସେଲର ସଂଯୋଜକ ଡ.ପ୍ରଭାତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ■ସ୍ୱାମୀ ଚରିତ୍ରକୁ ସନ୍ଦେହ

# ସ୍ତ୍ରୀ ସାଜିଲେ ହତ୍ୟାକାରୀ

ମୋହନା,୬।୧(ଡି.ଏନ୍.ଏ.)

ସ୍ୱାମୀଙ୍କ ଚରିତ୍ରକୁ ସନ୍ଦେହ କଲେ ସ୍ତ୍ରୀ । ରାସ୍ତାରୁ ହଟାଇବା ପାଇଁ ଯୋଜନା ରଚିଲେ । ଶେଷରେ ୩୦ ହଜାର ଟଙ୍କା ସୁପାରୀ ଦେଇ ହତ୍ୟା କଲେ । ପ୍ରମାଣ ନଷ୍ଟ ପାଇଁ ୧୦୦ କି.ମି ଦୂରରେ ଫିଙ୍ଗି ଦେଲେ ସ୍ୱାମୀଙ୍କ ମୃତଦେହ। ସୋମବାର ପୋଲିସ ଅଭିଯୁକ୍ତ ସ୍ତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣ ଫେରାର ଅଛନ୍ତି। ଖୁବ୍ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ। ମୃତକ ଜଣକ ହେଲେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାର ଯୁବରାଜ ଚଣ୍ଡୀ । ସୋମବାର ଗଜପତି ଏଏସ୍‌ପି ସୀତାରାମ ଶତପଥୀ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି ଯେ, ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ତହସିଲରେ ବରିଷ୍ଠ କିରାଣି ଥିବା ନିବେଦିତାଙ୍କ ସ୍ୱାମୀ ଯୁବରାଜ ମୁନିଗୁଡ଼ା ବିଡିଓଙ୍କ ଡ୍ରାଇଭର ଥିଲେ। ମୁନିଗୁଡ଼ା ଗୁପ୍ତା କଲୋନୀରେ ଉଭୟେ ରହୁଥିଲେ। ସ୍ୱାମୀ ଅନ୍ୟ ଜଣକୁ ଭଲ ପାଉଥିବା ନିବେଦିତା ସନ୍ଦେହ କରୁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟ ଝଗଡ଼ା ହେଉଥିଲା। କିଛିଦିନ ପୂର୍ବରୁ ନିବେଦିତା ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ଯୋଜନା ମୁତାବକ ଡିସେମ୍ବର ୩୧ରେ ଯୁବରାଜ ଜିରୋନାଇଟ୍ ପାଇଁ ବାହାରକୁ ଯାଇ ବିଳମ୍ବିତ ରାତିରେ ଘରକୁ ଫେରିଥିଲେ। ସ୍ତ୍ରୀଙ୍କ ସମେତ ଅନ୍ୟ ୩ଜଣ ମିଶି ତାଙ୍କୁ ବେଲଣାକାଠି, ନନ୍‌ଷ୍ଟିକ୍ ତାୱା ଓ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଯୁବରାଜଙ୍କର ମୃତ୍ୟୁ ଘଟିଥିଲା। ପ୍ରମାଣ ଲୁଚାଇବା ପାଇଁ ଅଭିଯୁକ୍ତମାନେ ହତ୍ୟାରେ ବ୍ୟବହୃତ ସମସ୍ତ ଜିନିଷ ସହ ରାତାରାତି ମୃତଦେହ ଏକ କାର ଯୋଗେ ଆଣି ପ୍ରାୟ ୧୦୦ କି.ମି. ଦୂର ଅଡ଼ବା ଥାନା ଶ୍ମଶାନ ନିକଟରେ ଫିଙ୍ଗି ଦେଇଥିଲେ।


ଗିରଫ ନିବେଦିତା।

ନୂଆବର୍ଷ ଦିନ ଅର୍ଥାତ୍ ବୁଧବାର ଭୋରୁ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଅଡ଼ବା ଥାନାଧିକାରୀ ଆଲୋକ ରଞ୍ଜନ ଜଗଦଳା ଓ ଅନ୍ୟ କର୍ମଚାରୀ ମୃତଦେହ ଜବତ କରିଥିଲେ। ସେଠାରୁ ବେଲଣାକାଠି, ଓଢ଼ଣି, ରୁମାଲ, ୨ଟି ଗ୍ଲୋବ୍‌ସ ଜବତ କରାଯାଇଥିଲା।

■ସ୍ତ୍ରୀ ଗିରଫ, ୩ ଫେରାର
■୩୦ ହଜାର ଦେଇଥିଲେ ସୁପାରି
■୧୦୦ କି.ମି. ଦୂରରେ ଫିଙ୍ଗିଥିଲେ ମୃତଦେହ

ପୋଲିସ ମାମଲା( ନଂ. ୧/୨୦) ରୁଜୁ କରି ତଦନ୍ତ ଚଳାଇଥିଲା। ଅଡ଼ବା ଥାନା ପକ୍ଷରୁ ସମସ୍ତ ଥାନାକୁ ମୃତଦେହ ଫଟୋ ପଠାଯାଇଥିଲା। ଯୁବରାଜଙ୍କ ଭାଇ ଦେବରାଜ ଏହା ଜାଣିପାରି ଅଡ଼ବା ଥାନାରେ ମୃତଦେହ ଚିହ୍ନଟ କରିଥିଲେ। ମୁନିଗୁଡ଼ା ଓ ଅଡ଼ବା ପୋଲିସ ତଦନ୍ତ ବେଳେ ସ୍ତ୍ରୀ ନିବେଦିତାଙ୍କ ଉପରେ ସନ୍ଦେହ କରିଥିଲେ। ତାଙ୍କୁ ଅଟକ ରଖି ପଚରାଉଚରା ବେଳେ ସ୍ୱାମୀଙ୍କ ମାନସିକ ଓ ଶାରୀରିକ ନିର୍ଯାତନା ସହି ନ ପାରି ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ ବୋଲି ଏଏସ୍‌ପି ପ୍ରକାଶ କରିଛନ୍ତି ।

## ଭିଜିଲାନ୍ସ ଜାଲରେ ଏମ୍‌କେସିଜି ମେଡିକାଲ କନିଷ୍ଠ କିରାଣି

ବ୍ରହ୍ମପୁର ଅଫିସ,୬।୧

ଏମ୍‌କେସିଜି ମେଡିକାଲରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ନାମରେ ଥିବା ଏକ ଏଲଆଇସି କ୍ଲେମ୍ ଫାଇଲ ପ୍ରୋସେସିଂ ପାଇଁ ଲାଞ୍ଚ ନେଇ ଏମ୍‌କେସିଜି ସର୍ଜରୀ (ଅସ୍ତ୍ରୋପଚାର) ବିଭାଗ କନିଷ୍ଠ କିରାଣି ସୋମବାର ଗିରଫ ହୋଇଛନ୍ତି। ଅଭିଯୁକ୍ତ ଜଣକ ଶ୍ରୀକାନ୍ତ କୁମାର ଦାସ। ସେ ଆବେଦନକାରୀ ସତ୍ୟନାରାୟଣ ଷଡଙ୍ଗୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ ହୋଇଛନ୍ତି। ଏନେଇ ଅତିରିକ୍ତ ଏସ୍‌ପି ଶାନ୍ତନୁ କୁମାର ପାଢୀ ସୂଚନା ଦେଇଛନ୍ତି। ମାମଲା ନଂ. ୧/୨୦ରେ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ପୁରୋଷୋତ୍ତମପୁର ପୈତୃକ ବାସଭବନ, ସରକାରୀ କ୍ୱାର୍ଟର୍ସ, ଏମ୍‌କେସିଜି ସର୍ଜରୀ ବିଭାଗ ଅଫିସରେ ଚଢାଉ କରାଯାଇଛି ବୋଲି ଏଏସ୍‌ପି ପାଢ଼ୀ କହିଛନ୍ତି। ତାଙ୍କ କାର୍ଯ୍ୟାଳୟରୁ ସମସ୍ତ କାଗଜପତ୍ର ମଧ୍ୟ ଜବତ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତ ଦାସଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ସୁରଙ୍ଗୀଗଡର ସତ୍ୟନାରାୟଣଙ୍କ ସ୍ତ୍ରୀ ନିରୂପମା ଗତ କିଛିଦିନ ତଳେ ସର୍ଜରୀ ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ। ଡିସେମ୍ବର ୧୨ ତାରିଖ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସତ୍ୟନାରାୟଣ ସ୍ତ୍ରୀଙ୍କ ନାମରେ ପୂର୍ବରୁ ୭୫ ହଜାର ଟଙ୍କାର ଏଲଆଇସି କରିଥିଲେ। ସେ ଉକ୍ତ ଟଙ୍କା ପାଇବା ପାଇଁ ଏଲଆଇସିରେ ଡେଥ କ୍ଲେମ୍ ଫର୍ମ ଏମ୍‌କେସିଜି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟରେ ଦାଖଲ କରିଥିଲେ। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟାଳୟରୁ ଉକ୍ତ ଫାଇଲ ସର୍ଜରୀ ବିଭାଗକୁ ପଠାଯାଇଥିଲା। ହେଲେ ଫାଇଲ ପ୍ରୋସେସିଂ ପାଇଁ ଶ୍ରୀକାନ୍ତ ଆବେଦନକାରୀଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ସତ୍ୟନାରାୟଣ ଏନେଇ ଭିଜିଲାନ୍ସ ବିଭାଗରେ ଜଣାଇଥିଲେ। ସୋମବାର ସନ୍ଧ୍ୟାରେ ସତ୍ୟନାରାୟଣ ସର୍ଜରୀ ବିଭାଗକୁ ଯାଇ ଶ୍ରୀକାନ୍ତଙ୍କୁ ୫ ହଜାର ଟଙ୍କା ଦେଇଥିଲେ। ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ଚଢାଉ କରି ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ।

**ଫାଇଲ ପ୍ରୋସେସିଂ ପାଇଁ ଲାଞ୍ଚ**


ଗିରଫ କନିଷ୍ଠ କିରାଣି ଶ୍ରୀକାନ୍ତ ।

## ବେଆଇନ ଭାବେ ପାହାଡ଼ରୁ ମୋରମ ଚାଲାଣ

# ଜିଲାପାଳଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ

ନୟାଗଡ଼ ଅଫିସ, ୬।୧

ନୟଗଡ଼ ଜିଲା ଇଟାମାଟି ଆରଆଇ ଅନ୍ତର୍ଗତ ବୃନ୍ଦାବନପୁର ପାହାଡ଼ରୁ କିଛି ଦିନ ହେଲାଣି ବେଆଇନ୍ ଭାବେ ମୋରମ ଚାଲାଣ କରାଯାଉଛି। ଏହାକୁ ବିରୋଧ କରିବା ସହିତ ଏହାର ସମାଧାନ ପାଇଁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବୃନ୍ଦାବନପୁର ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଗ୍ରାମ ନିକଟରେ ଥିବା ଲଣ୍ଡା ପାହାଡ଼ଟିରେ ବନ ବିଭାଗ ଓ ପଞ୍ଚାୟତ ପକ୍ଷରୁ ଚାରା ରୋପଣ କରାଯାଇଥିଲା। ପରେ ଲଣ୍ଡା ପାହାଡ଼ରେ ଗଛ ଭର୍ତ୍ତି ହୋଇଥିଲା। ହେଲେ କିଛି ଦିନ ହେଲାଣି କେତେକ ଦୁର୍ବୃତ୍ତ ପାହାଡ଼ ତଳେ ଜେସିବି ଲଗାଇ ମୋରମ ଚାଲାଣ କରୁଛନ୍ତି। ଏହା ଦ୍ୱାରା ପାହାଡ଼ରେ ଥିବା ଗଛ ଗୁଡ଼ିକ ନଷ୍ଟ ହୋଇଯାଇଛି। ଏହାକୁ ଗ୍ରାମବାସୀ ବିରୋଧ କରିବା ସହିତ ଏ ନେଇ ସେମାନଙ୍କୁ କହିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଧମକାଉଛନ୍ତି। ଏହାର ସମାଧାନ ପାଇଁ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିଲେ। ଜିଲାପାଳ ଏହାର ସମାଧାନ କରିବେ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ବୃନ୍ଦବାନପୁର ଗ୍ରାମବାସୀ ପ୍ରକାଶ କରିଛନ୍ତି।


ଅଭିଯୋଗ କରିବାକୁ ଆସିଥିବା ବୃନ୍ଦାବନପୁର ଗ୍ରାମବାସୀ

## ୧୧ରେ ଶୌଣ୍ଡିକ ସମାଜ ମହାସମାବେଶ

ବ୍ରହ୍ମପୁର ଅଫିସ,୬।୧

ନିଖିଳ ଉତ୍କଳ ଶୌଣ୍ଡିକ ସମାଜ ସଭାପତି କୁନା ସାହୁଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୧ରେ ଅନୁଷ୍ଠିତ ହେବାକୁ ଥିବା ମହାସମାବେଶ ନେଇ ଏକ ପ୍ରସ୍ତୁତି ବୈଠକ ଲୋଚାପଡାରେ ଅନୁଷ୍ଠିତ ହୋଇଥିଲା। ସମାବେଶକୁ ଲୋଚାପଡା ଗଙ୍ଗାଧରେଶ୍ୱର (ପାଣି ମହାପ୍ରଭୁ) ମନ୍ଦିରରେ ଆୟୋଜନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ନିରଞ୍ଜନ ସାହୁ ଯୋଗଦେଇ ମହାସମାବେଶକୁ କିପରି ସଫଳ କରାଯିବ, ସେନେଇ ମତବ୍ୟକ୍ତ କରିଥିଲେ। ମହାନଗର ସମ୍ପାଦକ ଯୁଧିଷ୍ଠିର ସାହୁ କାର୍ଯ୍ୟପନ୍ଥା ସହ ଶୌଣ୍ଡିକ ସମାଜର ସମସ୍ୟା ଉପରେ ଆଲୋକପାତ କରିଥିଲେ। ସେହିପରି ମହନଗରରେ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ନିଜର ମତ ପ୍ରକାଶ କରିଥିଲେ। ସେହିପରି ସମାଜର ଅନଗ୍ରସର ଶ୍ରେଣୀର ଜାତି ଭଉଣୀ ଓ ଭାଇମାନଙ୍କୁ ଅଗ୍ରାଧିକାର ଦେଇ ଜାତି ସଂଗଠନକୁ କିପରି ସୁଦୃଢ଼ କରାଯାଇପାରିବ ସେନେଇ ମତବ୍ୟକ୍ତ କରିଥିଲେ। ସମାଜରେ ଥିବା ମେଧାବୀ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ୧୪ ତାଲୁକା ସଭାପତି, ସମ୍ପାଦକ ଓ ଉପଦେଷ୍ଟା ମଣ୍ଡଳୀ ଉପସ୍ଥିତ ଥିଲେ। ସେହିପରି ଶୌଣ୍ଡିକ ସମାଜ ସଭାନେତ୍ରୀ ସୁନନ୍ଦା ଚୌଧୁରୀ, ବରିଷ୍ଠ ଆଇନଜୀବୀ ନିର୍ମଳ କୁମାର ସାହୁ, ନିରଞ୍ଜନ ସାହୁ, କୁନା ସାହୁ, ପ୍ରଭାକର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଦଣ୍ଡପାଣି ସାହୁ, ନଟବର ସାହୁ, ସୌମିକ ସାହୁ, ବଳରାମ ସାହୁ, ବୃନ୍ଦାବନ ସାହୁ, ପ୍ରଣବ ସାହୁ, ପ୍ରଭାତ ସାହୁ ଓ ସତ୍ୟରଞ୍ଜନ ସାହୁଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଜେଏନୟୁରେ ଆକ୍ରମଣ ଘଟଣାକୁ ନିନ୍ଦା


ଶରଣକୁଳ ମହାବିଦ୍ୟାଳୟ ଆଗରେ ନାରାବାଜି ଦିଆଯାଉଛି।

ନୟାଗଡ଼ ଅଫିସ, ୬।୧

ରବିବାର ସନ୍ଧ୍ୟାରେ ନୂଆଦିଲ୍ଲୀସ୍ଥିତ ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ)ରେ ପଶି କେତେକ ଅଣଛାତ୍ର ଗୁଣ୍ଡାରାଜ କରି ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କୁ ମାଡ଼ ମାରିବା ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ସୋମବାର ଏହି ଘଟଣାକୁ ନୟାଗଡ଼ ଜିଲା ଶରଣକୁଳ ମହାବିଦ୍ୟାଳୟର ଛାତ୍ର ସଂସଦ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଛାତ୍ର ସଂସଦର ସଭାପତି କାହ୍ନୁଚରଣ ଦୋରା, ସମ୍ପାଦକ ଶକ୍ତିପ୍ରସାଦ ଡାକୁଆଙ୍କ ନେତୃତ୍ୱରେ ଏକାଧିକ ଛାତ୍ରୀଛାତ୍ର ମହାବିଦ୍ୟାଳୟ ସମ୍ମୁଖରେ ନାରାବାଜି ଦେଇଥିଲେ। ଭାରତର ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ର ଅଧ୍ୟାପିକା ଅଧ୍ୟାପକମାନଙ୍କୁ ସୁରକ୍ଷା, ଅସମାଜିକ ବ୍ୟକ୍ତିମାନଙ୍କ କବଳରୁ ଶିକ୍ଷାନୁଷ୍ଠାନମାନଙ୍କୁ ମୁକ୍ତ କରିବା, ଅତ୍ୟଧିକ ଫି ବୃଦ୍ଧିକୁ ରୋକିବା, ଆକ୍ରମଣର ଶିକାର ହୋଇଥିବା ଛାତ୍ରୀଛାତ୍ର , ଅଧ୍ୟାପକମାନଙ୍କୁ ଆଇନ ସୁରକ୍ଷା ଯୋଗଇ ଦେବା, ଶିକ୍ଷାର ଘରୋଇକରଣକୁ ବନ୍ଦ କରିବା ଆଦି ୬ ଗୋଟି ଦାବି ପୂରଣ ନିମନ୍ତେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବପିତ୍ର ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମା ପ୍ରସାଦ ସାହୁ, ସଂଜୀବ ମହାପାତ୍ର, ବବୁଲ ମହାପାତ୍ର, ସନ୍ୟାସୀ ରାଉତ, ଅକ୍ଷୟ ମହାପାତ୍ର, କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ସାମିଲ ଥିଲେ।

# ଦ୍ୱିତୀୟ ଦିନରେ ଫୋର୍ସ ଏକାଦଶ, ଆଜାଦ ସ୍ପୋର୍ଟିଂ କ୍ଲବ ବିଜୟୀ

ବ୍ରହ୍ମପୁର ଅଫିସ,୬।୧

ସ୍ଥାନୀୟ ଗୋଷାଣିନୂଆଗାଁ କେସି ହାଇସ୍କୁଲ ପଡିଆରେ କେସି ଏକାଦଶ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃରାଜ୍ୟ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଦ୍ୱିତୀୟ ଦିନ ଥିଲା । ଦ୍ୱିତୀୟ ଦିବସରେ ଅତିଥି ଭାବେ କେସି ହାଇସ୍କୁଲର ପ୍ରଧାନ ଶିକ୍ଷକ ଏ. ଶିବ କୁମାର ବର୍ମା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚରେ କନିଷିର ଫୋର୍ସ ଏକାଦଶ ଓ ସାରଥି ଚନ୍ଦ୍ରପୁର ଷ୍ଟାର ଏକାଦଶ ମଧ୍ୟରେ ମୁକାବିଲା ହୋଇଥିଲା। ଫୋର୍ସ ଏକାଦଶ ପ୍ରଥମେ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ। ଷ୍ଟାର ଏକ୍ସଆଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭର ଖେଳି ୮ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲା। ପରବର୍ତ୍ତୀ ଇନିଂସ୍‌ରେ ଫୋର୍ସ ଏକାଦଶ ୧୦ ଓଭର ୨ ବଲ ଖେଳି ଦୁଇ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରି ମ୍ୟାଚକୁ ବାଜିମାତ କରି ନେଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ଆଜାଦ ସ୍ପୋର୍ଟିଂ କ୍ଲବ ଓ ମହମ୍ମଦ କ୍ରିକେଟ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା । ମହମ୍ମଦ କ୍ରିକେଟ କ୍ଲବ ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୧୨ ଓଭର ଖେଳି ୯ ଉଇକେଟ ହରାଇ ୯୪ ରନ ସଂଗ୍ରହ କରିଥିଲେ । ପରବର୍ତ୍ତୀ ଇନିଂସରେ ଆଜାଦ କ୍ଲବ ୮ ଓଭର ୪ ବଲ ଖେଳି ୩ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରି ମ୍ୟାଚ ଜିତି ନେଇଥିଲା । ଅମ୍ପାୟାର ଭାବେ ଡି.ରଜନୀ କାନ୍ତ ରେଡ୍ଡୀ, ସୁବ୍ରତ ବକ୍ସି ପଟ୍ଟନାୟକ, ବିଜୟ ପଟ୍ଟନାୟକ ଓ ସରୋଜ ସାହୁ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସୂର୍ଯ୍ୟ ନାରାୟଣ ପରିଡା ସହଯୋଗ କରଥିଲେ ।

# ଓଡ଼ଗାଁରେ ପ୍ରଥମ ବରିଷ୍ଠ ନାଗରିକ ବୈଠକ

ଓଡ଼ଗାଁ,୬।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଏହାର ଆଖପାଖ ଗ୍ରାମାଞ୍ଚଳରେ ବସବାସ କରୁଥିବା ବରିଷ୍ଠ ନାଗରିକଙ୍କ ଏକ ବୈଠକ ବ୍ଲକ ରୋଡସ୍ଥିତ ସାଧାରଣ ସୁବିଧା କେନ୍ଦ୍ର ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ରଘୁନାଥ ହସ କ୍ଲବ ସଭାପତି ବସନ୍ତ କୁମାର ମିଶ୍ରଙ୍କ ଆହ୍ୱାନ ଓ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଅଂଶଗ୍ରହଣ କରିଥିଲେ । ପରିଣତ ବୟସରେ ପରସ୍ପର ମଧ୍ୟରେ ସହମତି, ସହଯୋଗ ଓ ସଦିଚ୍ଛା ରହିଲେ ଏକ ସୁସ୍ଥ ସମାଜ ଗଠନ କରିବାରେ ଅସୁବିଧା ନାହିଁ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ସେହିପରି ବରିଷ୍ଠ ନାଗରିକମାନେ ସେମାନଙ୍କ ଯତ୍ କିଞ୍ଚିତ ସମୟ ବାହାର କରି ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିପାରିଲେ ତାହା ସେମାନଙ୍କ ଜୀବନ ଜିଇଁବାର ପ୍ରମୁଖ ଖୋରାକ ହୋଇପାରିବ ବୋଲି ମୁଖ୍ୟବକ୍ତା ତଥା ରଘୁନାଥ ଆଥ୍‌ଲେଟିକ ଅସୋସିଏଶନ ସମ୍ପାଦକ ଦିବାକର ନାୟକ ନିଜସ୍ୱ କବିତା ଆବୃତ୍ତି ମାଧ୍ୟମରେ ଉପସ୍ଥାପନା କରିଥିଲେ । ଅନ୍ୟପକ୍ଷେ ନୟାଗଡ ଜିଲା ବରିଷ୍ଠ ନାଗରିକ ସମିତିରେ କର୍ମକର୍ତ୍ତା ରୋଟାରିଆନ ଗୋଦାବରୀଶ ସାହୁ, ଭଗବତୀ ଚରଣ ପଟ୍ଟନାୟକ, ନିରଞ୍ଜନ ମିଶ୍ର ପ୍ରମୁଖ ଏହି ବୈଠକରେ ଅଂଶ ଗ୍ରହଣ କରିବା ସହିତ ବରିଷ୍ଠ ନାଗରିକଙ୍କ ନିମନ୍ତେ କେନ୍ଦ୍ର ତଥା ରାଜ୍ୟ ସରକାର ପ୍ରଣୟନ କରିଥିବା ସୁରକ୍ଷା ଓ ନିରାପତ୍ତା ସମେତ ବିଭିନ୍ନ କଲ୍ୟାଣ ମୂଳକ ଯୋଜନା ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ । ଆଗାମୀ ଅଧିବେଶନ ସମୟରେ ବରିଷ୍ଠ ନାଗରିକ ପରିଚାଳନା କମିଟି ଗଠନ କରିବା ସହିତ ପରିଚୟ ପତ୍ର ପ୍ରସ୍ତୁତ କରିବା ନିମନ୍ତେ ସହମତି ପ୍ରକାଶ ପାଇଥିଲା । ଏହି ବୈଠକରେ ସ୍ଥାନୀୟ ଅଞ୍ଚଳରୁ ୧୯୭ ବରିଷ୍ଠ ନାଗରିକ ଅଂଶ ଗ୍ରହଣ କରିଥିବା ବେଳେ ବନମାଳୀ ଦାଶ, ସୁବାସ ଚନ୍ଦ୍ର ସାହୁ, ଜିଲା ପରିଷଦ ସଦସ୍ୟ ବିଷ୍ଣୁପ୍ରସାଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

## ନାଗରିକତ୍ୱ ସଂଶୋଧନ ଆଇନ ସପକ୍ଷରେ ଜନଜାଗରଣ

# ଭାଜପା ଗଞ୍ଜାମ ଜିଲାସ୍ତରୀୟ ପଦଯାତ୍ରା ୧୦ରେ

ବ୍ରହ୍ମପୁର ଅଫିସ,୬।୧

କେନ୍ଦ୍ର ମୋଦି ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସପକ୍ଷରେ ଜନଜାଗରଣ ସୃଷ୍ଟି କରିବା ପାଇଁ ଆସନ୍ତା ୧୦ ତାରିଖରେ ଭାଜପା ପକ୍ଷରୁ ଗଞ୍ଜାମ ଜିଲାସ୍ତରୀୟ ପଦଯାତ୍ରା ବ୍ରହ୍ମପୁରରେ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିଓଙ୍କ ସମେତ ଦଳର ଅନ୍ୟ ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଜିଲାର ୧୩ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଶହ ଶହ କର୍ମୀ ସାମିଲ ହେବେ। ପଦଯାତ୍ରା କମାପଲ୍ଲୀ ଛକରୁ ଆରମ୍ଭ ହେବ। ଟାଟାବେଞ୍ଜ, ସୁବାରାଓ ଛକ, କଲେଜ ଓ ଟାଉନ ହଲ ରୋଡ ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ ଯିବ। ସେଠାରୁ ଫାୟାର ଷ୍ଟେଶନ ରୋଡ, ଅନ୍ନପୂର୍ଣ୍ଣା ବଜାର, ଅର୍ବାନ ବ୍ୟାଙ୍କ, ଏସ୍‌ଏନ୍‌ଟି ରୋଡଠାରୁ ସାନ ଓ ବଡ଼ ବଜାର, ହନୁମାନ ବଜାର, ସିଟି ହାଇସ୍କୁଲ ରୋଡ ଆଦିରେ ପରିକ୍ରମା କରିବ।

ସୋମବାର ରାଜସ୍ୱ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ଜେନା ଓ ପୂର୍ବତନ ସଭାପତି କାହ୍ନୁ ଚରଣ ପତି ଏହି ସୂଚନା ଦେଇଛନ୍ତି। ପଦଯାତ୍ରା ବେଳେ କେନ୍ଦ୍ର ସରକାରଙ୍କ ଐତିହାସିକ ସିଏଏ ସଂଶୋଧନ ଆଇନକୁ କଂଗ୍ରେସ ଓ ବାମପନ୍ଥୀ ଦଳ ଏବଂ ଆଉ କେତେକ ସଂଗଠନ ବିରୋଧ କରି ଜନମତକୁ ବିଭ୍ରାନ୍ତ କରୁଥିବା ସମାଲୋଚନା କରାଯାଇଥିଲା। ତେଣୁ ସିଏଏର ଉପକାରିତା ନେଇ ଲୋକଙ୍କୁ ସଚେତନ କରାଯିବା ପାଇଁ ପଦଯାତ୍ରାର ଉଦ୍ଦେଶ୍ୟ ବୋଲି ଦୁଇ ନେତା କହିଛନ୍ତି। ବିରୋଧୀଙ୍କ ଅପପ୍ରଚାର ସମ୍ପର୍କରେ ବିଭିନ୍ନ ଛକରେ ପଥପ୍ରାନ୍ତ ସଭା ଦ୍ୱାରା ଲୋକଙ୍କୁ ମାର୍ଗଦର୍ଶନ ଦିଆଯିବ। କେବଳ ସେତିକି ନୁହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରହ୍ମପୁର ସମେତ ଜିଲାର ବିଭିନ୍ନ ସ୍ଥାନରେ ବୁଦ୍ଧିଜୀବୀ ସମ୍ମିଳନୀ କରାଯିବାର ଉଭୟ କହିଛନ୍ତି।

ସଂଶୋଧିତ ଆଇନକୁ ନେଇ ସୃଷ୍ଟି ହେଉଥିବା ଆନ୍ଦୋଳନ ଓ ହିଂସାକାଣ୍ଡକୁ ନିନ୍ଦା କରାଯାଇଥିଲା । ସିଏଏ ସଂଶୋଧନ ଦ୍ୱାରା ଦେଶରେ ଥିବା ସଂଖ୍ୟାଲଘୁଙ୍କର କୌଣସି ସମ୍ପର୍କ ନ ଥିବାରୁ ଏହାକୁ ନେଇ ଭୟଭୀତ ହେବାର କୌଣସି କାରଣ ନ ଥିବା ଖବରଦାତା ସମ୍ମିଳନୀରେ ସ୍ପଷ୍ଟ କରାଯାଇଥିଲା । ଜିଲା ସଂଗଠନ ନେତା ସୁନୀଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀ, ଶରତ ସାହୁ, ଡ଼ା. ସୁବାସ ସାହୁ, ଅମୂଲ୍ୟ ଚୌଧୁରୀ ଓ ରାଜେଶ ସାହୁ ପ୍ରମୁଖ ଏବଂ ମଣ୍ଡଳ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


ଭାଜପା ଜିଲା ସଂଗଠନର ଦୁଇ ନେତା ।

**ଯୋଗଦେବେ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିଓ**

## ସଂକ୍ଷେପରେ

### କୋସକା ଅଞ୍ଚଳରେ ଏଟିଏମ୍ ଖୋଲିବା ପାଇଁ ଦାବି

**ଖଣ୍ଡପଡା,୬।୧(ସ୍ୱ.ପ୍ର)**- ଖଣ୍ଡପଡା ବ୍ଲକ ଅନ୍ତର୍ଗତ କୋସକାସ୍ଥିତ ଓଡିଶା ଗ୍ରାମ୍ୟବ୍ୟାଙ୍କ ପରିସରରେ ଏକ ଏଟିଏମ କାଉଣ୍ଟର ଖୋଲିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି । ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ କୋସକା, କିଆଝର, କୁମ୍ଭାରପଡା, ରୟତ ଢୋଲମରା ଆଦି ୫ ପଞ୍ଚାୟତ ବାସିନ୍ଦା ବିଭିନ୍ନ କ୍ଷେତ୍ରରେ ଅବହେଳିତ ଅବସ୍ଥାରେ ରହିଥିବା ଜଣା ପଡିଛି । ତେବେ ସଂପୃକ୍ତ ଅଂଚଳରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି କୋସକା ପଂଚାୟତରେ ଏକ ଗ୍ରାମ୍ୟ ବ୍ୟାଙ୍କ ଦୀର୍ଘ ବର୍ଷ ହେଲା ପ୍ରତିଷ୍ଠାକରାଯାଇଛି । ସଂପୃକ୍ତ ବ୍ୟାଙ୍କ ପକ୍ଷରୁ ଉପଭୋକ୍ତାମାନଙ୍କୁ ଏଟିଏକ କାର୍ଡ ପ୍ରଦାନ କରାଯାଇଛି । ମାତ୍ର ଏହି ଅଞ୍ଚଳରେ କୌଣସି ଏଟିଏମ କାଉଣ୍ଟର ନଥିବାରୁ ଲୋକେ ଅର୍ଥରାଶି ଉଠାଇବା ନେଇ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସମ୍ପୃକ୍ତ ପଞ୍ଚାୟତର ୨୫ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ଆବଶ୍ୟକ ସମୟରେ ଅର୍ଥ ଉଠାଣ ପାଇଁ ଦୀର୍ଘ ୧୦ କିଲୋମିଟର ଦୂରକୁ ଯିବାକୁ ପଡିଥାଏ । କୋସକା ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ଆଞ୍ଚଳିକ ଯୁବଛାତ୍ର ସଂଗଠନ କୋସକା ସଭାପତି କୈଳାସ ଚନ୍ଦ୍ର ପଣ୍ଡାଙ୍କ ସମେତ ଉକ୍ତ ଅଞ୍ଚଳର ଶତାଧିକ ଜନସାଧାରଣ ଲିଖିତ ଭାବେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ମହାପ୍ରବନ୍ଧକଙ୍କୁ ଅବଗତ କରିଥିବା ଜଣା ପଡିଛି ।

### ରାଜ୍ୟସ୍ତରୀୟ ଗୋଳାପୋଖରୀ ଫୁଟ୍‌ବଲ: ବ୍ରହ୍ମପୁର ସେମିରେ

**ଭାପୁର,୬।୧(ଡି.ଏନ୍.ଏ.)**- ଭାପୁର ବ୍ଲକ ଗୋଳାପୋଖରୀ ଆଞ୍ଚଳିକ ସ୍ପୋର୍ଟସ୍ ଆସୋସିଏଶନ ତରଫରୁ ଆୟୋଜିତ ୧୫ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ସୋମବାର ଖେଳରେ ବ୍ରହ୍ମପୁରର ପତିତପାବନ ସଂଘ ଫୁଟ୍‌ବଲ କ୍ଲବ ୬-୫ ଗୋଲରେ ଜଟଣୀର ବାଲାଜୀ ଫୁଟ୍‌ବଲ ଏକାଡ଼େମୀକୁ ପରାସ୍ତ କରି ସେମିଫାଇାଲରେ ପ୍ରବେଶ କରିଛି। ଖେଳଟି ସଂଘର୍ଷପୂର୍ଣ୍ଣ ରହି ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ୧-୧ ଗୋଲ ସ୍କୋର କରି ଅମିମାଂସିତ ରହିବାରୁ ଟ୍ରାଇବେକର ପଦ୍ଧତିରେ ଖେଳର ବିଜେତା ନିର୍ଣ୍ଣୟ କରାଯାଇଥିଲା। ଟ୍ରାଇବେକରରେ ପତିତପାବନ ସଂଘ ୬-୫ ଗୋଲରେ ବାଲାଜୀ ଫୁଟ୍‌ବଲ ଏକାଡ଼େମୀକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଖେଳ ପରିଚାଳନା କରିଥିଲେ ରବିନାରାୟଣ ରଣା ଓ ଲାଇନରେ ସହଯୋଗ କରିଥିଲେ ସୁଶାନ୍ତ କୁମାର ମିଶ୍ର ଓ ଲକ୍ଷ୍ମୀଧର ଚୌଧୁରୀ। ଅତିଥି ଭାବେ ଯୋଗ ଦେଇଥିଲେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟ, ସମିତିସଭ୍ୟାଙ୍କ ପ୍ରତିନିଧି ଶିବ ନାରାୟଣ ପ୍ରଧାନ, ଦେବୀ ପ୍ରସାଦ ମିଶ୍ର ଓ ଯୁଗଳ କିଶୋର ରାଉତରାୟ। ମଙ୍ଗଳବାର ଖେଳ ଜଟଣୀର ଉତ୍କଳ ସ୍ପୋଟିଂ ଓ ଅହମ୍ମଦିଆ ଆଥ୍‌ଲେଟିକ ଆସୋସିଏଶନ କେରଙ୍ଗ ମଧରେ ହେବ।

# ନିର୍ମାଣାଧୀନ ରାସ୍ତା କାର୍ଯ୍ୟକୁ ବିରୋଧ

**ନୟାଗଡ଼ ଅଫିସ,୬।୧**


ଅଭିଯୋଗ କରିବାକୁ ଆସିଥିବା ରାଧାମୋହନପୁର ଗ୍ରାମବାସୀ।

ନିର୍ମାଣାଧୀନ ରାସ୍ତା କାର୍ଯ୍ୟକୁ ବିରୋଧ କରାଯିବାରୁ ରଣପୁର ବ୍ଲକ ରାଧାମୋହନପୁର ଗ୍ରାମକୁ ରାସ୍ତା ହୋଇପାରୁନାହିଁ। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ରାଧାମୋହନପୁର ଗ୍ରାମବାସୀ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଗ୍ରାମବାସୀଙ୍କ କହିବାନୁସାରେ, ରାଧାମୋହନପୁର ଗ୍ରାମକୁ ରାସ୍ତା ନ ଥିବାରୁ ଲୋକମାନେ ବହୁତ ହଇରାଣ ହେଉଥିଲେ। ୩୦୦ ଲୋକଙ୍କୁ ନେଇ ବସବାସ କରୁଥିବା ରାଧାମୋହନପୁର ରାଜସ୍ୱ ଗ୍ରାମବାସୀ ବିଭିନ୍ନ ଆଡ଼େ ଅଭିଯୋଗ କଲା ପରେ ରାଧାମୋହନପୁରଠାରୁ ବାଲିଆ ଗ୍ରାମ ପର୍ଯ୍ୟନ୍ତ ପାଖାପାଖି ୧ କିଲୋମିଟର ରାସ୍ତା ନିର୍ମାଣ ହେବା ପାଇଁ ଟଙ୍କା ମଞ୍ଜୁର ହୋଇଥିଲା। ପଞ୍ଚାୟତ ପାଣ୍ଠିରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ମାସେ ତଳେ ଆରମ୍ଭ ହୋଇଥିଲା। ଅଧା ରାସ୍ତା କାର୍ଯ୍ୟ ସରିଥିବା ଓ ଗତ ୨୮ ତାରିଖରେ ବାଲିଆ ଗ୍ରାମ ଦେଇ ରାସ୍ତା ହେଉଥିବା ବେଳେ ବାଲିଆ ଗ୍ରାମର କେତେକ ଲୋକ ଏହାକୁ ବିରୋଧ କରିଥିଲେ। ଆମ ଗ୍ରାମ ଦେଇ ରାସ୍ତା ଯାଇ ପାରିବ ନାହିଁ କହି ରାସ୍ତା ଅବରୋଧ କରିଥିଲେ। ଫଳରେ ସେହିଦିନଠାରୁ ରାସ୍ତା କାର୍ଯ୍ୟ ବନ୍ଦ ହୋଇ ପଡ଼ିରହିଛି। ଏ ନେଇ ରାଧାମୋହନପୁର ଗ୍ରାମବାସୀ ରଣପୁର ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳିଲା ନାହିଁ। ଫଳରେ ବାଧ୍ୟ ହୋଇ ସୋମବାର ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ରାସ୍ତା କାର୍ଯ୍ୟ ବନ୍ଦ ହୋଇଥିବା ଯୋଗୁ ବର୍ତ୍ତମାନ ରାଧାମୋହନପୁର ଗ୍ରାମବାସୀ ବିଲ ହୁଡ଼ା ଦେଇ ଯାତାୟାତ କରୁଛନ୍ତି। ସେହିଭଳି ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟ ପାଇଁ ଆସିଥିବା ବାଲି, ଚିପ୍ସ, ଗୋଡ଼ି ଆଦି ରାସ୍ତାରେ ପଡ଼ି ରହି ନଷ୍ଟ ହେଉଛି। ବିଦ୍ୟାଧର ପ୍ରଧାନ, ପ୍ରକାଶ ଚନ୍ଦ୍ର ଖୁଣ୍ଟିଆ, ରତ୍ନାକର ପ୍ରଧାନ, ଶ୍ରୀନାଥ ପ୍ରଧାନଙ୍କ ସମେତ ଏକାଧିକ ଗ୍ରାମବାସୀ ସୋମବାର ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିଲେ। ଜିଲାପାଳ ରଣପୁର ବିଡିଓଙ୍କୁ କହି ୪ ଦିନ ଭିତରେ ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ରାଧାମୋହନପୁର ଗ୍ରମାବାସୀ ପ୍ରକାଶ କରିଛନ୍ତି । ଯଦି ଏହାର ସମାଧାନ କରା ନ ଯାଇ ରାସ୍ତା କାର୍ଯ୍ୟ ତିଆରି ନ ହୁଏ ତାହା ହେଲେ ଗ୍ରାମବାସୀ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ରାଧାମୋହନପୁର ଗ୍ରାମବାସୀ**

■ ମହଙ୍ଗା ପଡ଼ିଲା ପକ୍କା ଘର ଅନିୟମିତତା

# ୩ ପିଇଓ ନିଲମ୍ବିତ

**ନୟାଗଡ଼ ଅଫିସ,୬।୧**

ନୟାଗଡ଼ ଜିଲାର ବିଭିନ୍ନ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ (ପକ୍କା ଘର) ଯୋଜନାରେ ଅନିୟମିତତା କରିବା ୩ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ପାଇଁ ମହଙ୍ଗା ପଡ଼ିଛି। ଉକ୍ତ ୩ ଜଣ ପିଇଓଙ୍କୁ ଜିଲାପାଳ ଡା. ପୋମା ଟୁଡୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତର ପିଇଓ କୃଷ୍ଣଚନ୍ଦ୍ର ମଲ୍ଲିକ, ରଣପୁର ବ୍ଲକ କେରେଣ୍ଡାଟାଙ୍ଗି ପଞ୍ଚାୟତର ପିଇଓ ବିଜୟ କୁମାର ବେହେରା ଓ ବ୍ରଜରାଜପୁର ପଞ୍ଚାୟତର ପିଇଓ ସୂର୍ଯ୍ୟମଣି ସ୍ୱାଇଁ । ଉକ୍ତ ୩ ଜଣ ପିଇଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା କରିଥିବା କାରଣରୁ ଜିଲାପାଳ ଟୁଡୁ ନିଲମ୍ବିତ କରିଥିବା ଜିଲାପାଳଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସେହିଭଳି ଉକ୍ତ ୩ ପିଇଓଙ୍କ ନାମରେ ଥାନାରେ ମାମଲା ଦେବା ପାଇଁ ଜିଲାପାଳ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତର ପିଇଓ କୃଷ୍ଣଚନ୍ଦ୍ର ବେଗୁନିଆ ଗ୍ରାମର ଏସଇସିସି ତାଲିକାରେ ନାମ ଥିବା ଯୋଗ୍ୟ ହିତାଧିକାରୀ ମୀନାଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଲେ ଘର କରାଇଦେବେ ବୋଲି କହିଥିଲେ। ଏ ନେଇ ଗତ ଡିସେମ୍ବର ୪ ତାରିଖରେ ୨୦ ହଜାର ଟଙ୍କା ଦିଅ ପକ୍କା ଘର ନିଅ ଶୀର୍ଷକ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଯାହାକୁ ଆଧାର କରି ଜିଲାପାଳ ସେମାନଙ୍କୁ ନିଲମ୍ବିତ କରିଥିବା ଜଣାପଡ଼ିଛି। ସେହିଭଳି ପୂର୍ବରୁ ଡିସେମ୍ବର ୨୧ ତାରିଖରେ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ହଡ଼ପ ଓ ଆର୍ଥିକ ଅନିୟମିତତା ଅଭିଯୋଗରେ ୪ ଜଣ ପିଇଓଙ୍କୁ ଜିଲାପାଳ ଟୁଡୁ ନିଲମ୍ବିତ କରିଥିଲେ।

# ରତନପୁର ଗ୍ରାମବାସୀ ଭୋଗୁଛନ୍ତି ପାନୀୟ ଜଳ ସମସ୍ୟା


ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ରତନପୁର ଗ୍ରାମବାସୀ।

**ନୟାଗଡ଼ ଅଫିସ,୬।୧**

ନୟାଗଡ଼ ପୌରପରିଷଦର ରତନପୁର ଗ୍ରାମବାସୀ ଦୁଇ ବର୍ଷ ହେଲାଣି ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଥିବା କୂଅରୁ ଗ୍ରାମବାସୀ ପାନୀୟ ଜଳ ବ୍ୟବହାର କରୁଥିବା ବେଳେ ଏହା ବର୍ତ୍ତମାନ ଜହର ପାଲଟିଛି। ନୟାଗଡ଼ ଟାଉନର ମଇଳା ପାଣି ତାଙ୍କ ଗ୍ରାମର କୂଅ ପାଖରେ ଯାଇ ଜମା ରହୁଛି। ବର୍ତ୍ତମାନ କୂଅ ନିକଟରେ ୫ ଫୁଟର ପାଣି ଜମା ହୋଇଛି। ନିଷ୍କାସନ ପାଇଁ କୌଣସି ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ କୂଅ ପାଣି ନଷ୍ଟ ହେଉଛି। ଏହାକୁ ବ୍ୟବହାର କରିବା ଦ୍ୱାରା ଲୋକମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ସେହିଭଳି ମହାନଦୀରୁ ସହରକୁ ପାଇପ୍ ଯୋଗେ ଯୋଗାଣ ହେଉଥିବା ପାନୀୟ ଜଳ ତାଙ୍କ ଗ୍ରାମକୁ ଯାଇ ନାହିଁ। ଫଳରେ ପାନୀୟ ଜଳ ପାଇଁ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀ ବିଭିନ୍ନ ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କୁ କୂଅ ନିକଟରେ ଡ୍ରେନ୍ ନିର୍ମାଣ କରାଯିବା ଲାଗି ପ୍ରତିଶ୍ରୁତି ଦିଆଯାଉଛି ହେଲେ କିଛି ସମାଧାନ ହେଉନାହିଁ । ଫଳରେ ବାଧ୍ୟ ହୋଇ ଗ୍ରାମବାସୀ ଏହାର ସମାଧାନ ପାଇଁ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ୪ ପଞ୍ଚାୟତରେ ଅପହଞ୍ଚ ମୋବାଇଲ ସେବା


ଅଭିଯୋଗ କରିବାକୁ ଆସିଥିବା ଆଦିବାସୀ କୁଇଁ ଉନ୍ନୟନ ସଂଘର କର୍ମକର୍ତ୍ତାମାନେ।

**ନୟାଗଡ଼ ଅଫିସ, ୬।୧**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ୪ଟି ପଞ୍ଚାୟତରେ ଅପହଞ୍ଚ ମୋବାଇଲ ସେବା ସାଙ୍ଗକୁ ବ୍ୟାଙ୍କ୍ ସେବା ଓ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାର ସମାଧାନ ପାଇଁ ଆଦିବାସୀ କୁଇ ଉନ୍ନୟନ ସଂଘ ଦଶପଲ୍ଲା ଶାଖାର କର୍ମକର୍ତ୍ତାମାନେ ସୋମବାର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଦଶପଲ୍ଲା ବ୍ଲକର ଚଢ଼େୟାପଲ୍ଲୀ, କଳସାଖମଣ, ନୂଆଗାଁ ଓ ଦୁଡ଼ା ଗ୍ରାମ ପଞ୍ଚାୟତରେ ମୋବାଇଲ ସେବା ଅପହଞ୍ଚ ହୋଇପଡ଼ିଛି। ଚଢ଼େୟାପଲ୍ଲୀରେ ଥିବା ୟୁନିୟନ ବ୍ୟାଙ୍କ୍‌ରେ କମ୍ପ୍ୟୁଟର ଅଚଳ ହେତୁ ଟଙ୍କା ନେଣଦେଣ ପାଇଁ ୨ରୁ ୪ ଦିନ ଧରି ଦୌଡ଼ିବାକୁ ପଡୁଛି। ସେହିଭଳି ନୂଆଗାଁ ଓ ଚଢ଼େୟାପଲ୍ଲୀରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ ଥିବାରୁ ଲୋକମାନେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି। ଶାଖାର କର୍ମକର୍ତ୍ତାମାନେ ମୋବାଇଲ ଟାୱାର, ବ୍ୟାଙ୍କ ଓ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଦାବି କରିଛନ୍ତି । ଏହି ଜରୁରିକାଳୀନ ସେବା ମିଳୁ ପାରୁ ନ ଥିବା ଯୋଗୁ ଲୋକମାନେ ହଇରାଣ ହେଉଛନ୍ତି। ଦଶପଲ୍ଲା ଆଞ୍ଚଳିକ ଶାଖାର ଉପଦେଷ୍ଟା ଶ୍ରୀନିବାସ ଜାନୀଙ୍କ ସମେତ ଭକ୍ତଚରଣ କହଁର, କାଶୀନାଥ ସାହୁ, ଜଗଦୀଶ ନାୟକ ପ୍ରମୁଖ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିଲେ।

# ରଥକାଠ ଚିହ୍ନଟ ପ୍ରକ୍ରିୟା ଶେଷ

**ଦଶପଲ୍ଲା,୬।୧(ଡି.ଏନ୍.ଏ.)**

ଚଳିତ ବର୍ଷ ପୁରୀର ପ୍ରସିଦ୍ଧ ରଥଯାତ୍ରାର ରଥ ନିର୍ମାଣ ନିମନ୍ତେ ଦଶପଲ୍ଲା ବନାଞ୍ଚଳର ବିଭିନ୍ନ ଅଞ୍ଚଳରୁ ରଥକାଠ ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଉକ୍ତ ଚିହ୍ନଟ ପ୍ରକ୍ରିୟା ସର୍ବପ୍ରଥମେ ସାକେଣୀ ସେକ୍ଶନରୁ ଡ଼ିସେମ୍ବର ମାସ ୧୯ରୁ ଆରମ୍ଭ କରାଯାଇଥିଲା। ସ୍ଥାନୀୟ ଫରେଷ୍ଟର ମନୋଜ ପ୍ରଭାକର ସାହୁ, ଫରେଷ୍ଟ ଗାର୍ଡ ନାରାୟଣ ମହାରଣା ଏବଂ ସ୍ଥାନୀୟ ଅଫିସ୍ ଷ୍ଟାଫ୍ ଏଥିରେ ସାମିଲ ହୋଇଥିଲେ। ଏହାପରେ ପର୍ଯ୍ୟାୟକ୍ରମେ ପୋଖରୀଗୋଚ୍ଛା, ଟାକେରା, ଚଢ଼େୟାପଲ୍ଲୀ ଏବଂ ବାଣିଗୋଛା ଅଞ୍ଚଳରୁ ଚିହ୍ନଟ ହୋଇଥିଲା। ଏହି ଚିହ୍ନଟରେ ସେକ୍ଶନର ଫରେଷ୍ଟରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଚାଲୁରହିଥିଲା। ଆବଶ୍ୟକ ମୁତାବକ ପ୍ରାୟ ୭୦ ଭାଗ କାଠ ଚିହ୍ନଟ ହୋଇଛି। ଏଥିରୁ ସାକେଣୀ ସେକ୍ସନରୁ ଅଧିକ ଥିବା ଜଣାଯାଇଛି। ପ୍ରକାଶଥାଉ କି, ଗତବର୍ଷ ଦଶପଲ୍ଲା ବନାଞ୍ଚଳରୁ ୫୬୫ ଖଣ୍ଡ ବିଭିନ୍ନ କିସମର କାଠ ପୁରୀ ଯାଇଥିଲା ବୋଲି ବିଭାଗୀୟ ଅଫିସ୍‌ରୁ ଜଣାଯାଇଛି। ଚଳିତ ବର୍ଷ ମଙ୍ଗଳବାର ଗଣିଆ ବଡ଼ରାଉଳ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ପରେ ରଥକାଠ କଟା ଅନୁକୂଳ ହେବ ବୋଲି ବିଭାଗ ତରଫରୁ ଜଣାଯାଇଛି। ଏଥି ନିମନ୍ତେ ପୁରୀରୁ ଏକ ୪ଜଣିଆ ଟିମ୍ ଗଣିଆଠାରେ ମଙ୍ଗଳବାର ପହଞ୍ଚିବାର ଜଣାଯାଇଛି। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସିଏଏ ସମର୍ଥନରେ ସଚେତନତା କାର୍ଯ୍ୟକ୍ରମ

**ନୟାଗଡ଼ ଅଫିସ, ୬।୧**


ସମ୍ବିତ ପାତ୍ର ବକ୍ତବ୍ୟ ରଖୁଛନ୍ତି।

ଭାଜପା ପକ୍ଷରୁ ନାଗରିକତା ସଂଶୋଧନ ଆଇନ (ସିଏଏ) ସମର୍ଥନରେ ଜିଲାସ୍ତରୀୟ ଜନସଚେତନତା କାର୍ଯ୍ୟକ୍ରମ ଓ ଖବରଦାତା ସମ୍ମିଳନୀ ସୋମବାର ନୟାଗଡ଼ ନୀଳମାଧବ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଯୋଗ ଦେଇ ସିଏଏ ଅଧିକାର ଦେଉଛି , କାହାର ଅଧିକାର ଛଡାଇ ନାହିଁ ବୋଲି କହିଥିଲେ। ବାଲାଂଦେଶ, ପାକିସ୍ତାନ, ଆଫଗାନିସ୍ତାନ ସାମ୍ବଧାନିକ ଭାବେ ମୁସଲମାନ ଦେଶ ଅଟେ। ସେଠାରେ ଧର୍ମ ନାରେ ମୁସଲମାନଙ୍କ ଉପରେ ଉତ୍ପୀଡନ ହୁଏ ନାହିଁ। ସେଥିପାଇଁ ସେମାନଙ୍କୁ ଏହି ଆଇନ୍‌ରେ ସାମିଲ କରାଯାଇ ନ ଥିବା କହିଥିଲେ। ଏହି ଆଇନ କେବଳ ଉତ୍ପୀଡ଼ନର ଶିକାର ହୋଇଥିବା ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ସାମିଲ କରଯାଇଥିବା କହିଥିଲେ। କାହା ପ୍ରତି କୌଣସି ଭେଦଭାବ କରାଯାଇ ନାହିଁ ବୋଲି ସମ୍ବିତ ପ୍ରକାଶ କରିଥିଲେ। ବିରୋଧୀମାନେ ଏହାକୁ ଇସ୍ୟୁ କରି ଅଯଥା ଗଣ୍ଡଗୋଳ କରୁଛନ୍ତି ଯାହାକି ନିନ୍ଦନୀୟ। ଭାଜପା ଆଗାମୀ ଦିନରେ ଲୋକତାନ୍ତ୍ରିକ ଉପାୟରେ ଲୋକମାନଙ୍କ ପାଖରେ ପହଞ୍ଚି ସଚେତନତା କରାଇବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଲାଲା ମନୋଜ ରାୟ, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ଦଶପଲ୍ଲାର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, କାଶୀନାଥ ମଲ୍ଲିକ, ପୂର୍ବତନ ଜିଲାସଭାପତି ସନ୍ୟାସୀ ନାୟକ ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୧୪୨ ଅଭିଯୋଗର ହେଲା ଶୁଣାଣି

**ନୟାଗଡ଼ ଅଫିସ, ୬।୧**

ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ପୋମା ଟୁଡୁ ୧୪୨ଟି ଅଭିଯୋଗର ଶୁଣାଣି କରିଥିଲେ। ୧୪୨ଟି ଅଭିଯୋଗ ମଧ୍ୟରୁ ୧୧୯ଟି ବ୍ୟକ୍ତିଗତ ସମସ୍ୟା ହୋଇଥିବା ବେଳେ ୮ଟି ଗ୍ରାମ ସମସ୍ୟା , ୧୪ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ଓ ୧ଟି ରେଡ଼କ୍ରସ୍ ପାଣ୍ଠିରୁ ସହାୟତା ନିମନ୍ତେ ଅଭିଯୋଗ ହୋଇଥିଲା। ୬୩ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧ ଲକ୍ଷ ୩୯ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଜିଲା ରେଡ଼କ୍ରସ ପାଣ୍ଠିରୁ ୩ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଶଶିଭୂଷଣ ଶତପଥୀ, ପିଡି ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଏହି ଶୁଣାଣି ଶିବିରରେ ଉପସ୍ଥିତ ଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ମୋ ସରକାର ଟିମ୍

**ନୟାଗଡ଼ ଅଫିସ, ୬।୧**


ମୋ ସରକାର ଟିମ୍‌ର ଜଣେ ଅଧିକାରୀ ଲାଇନ୍‌ରେ ଛିଡ଼ା ହୋଇଛନ୍ତି।

ରାଜ୍ୟ ସରକାରଙ୍କ ମୋ ସରକାର ଟିମ୍‌ର ୪ ଜଣ ସଦସ୍ୟ ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଚାନକ ପରିଦର୍ଶନରେ ଆସିଥିଲେ। ସଦସ୍ୟମାନେ ଚିକିତ୍ସାଳୟର ବିଭିନ୍ନ ବିଭାଗ ବୁଲିବା ସହିତ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କ ସହିତ ଆଲୋଚନା କରିଥିଲେ। ସଦସ୍ୟମାନେ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବାକୁ ପରଖିବା ସହିତ କଣ କଲେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇପାରିବ ସେ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କଠାରୁ ମତାମତ ସଂଗ୍ରହ କରିଥିଲେ। ସଦସ୍ୟମାନେ ବିଭିନ୍ନ ସ୍ୱାସ୍ଥ୍ୟସେବା, ଡାଇଗ୍ନୋଷ୍ଟିକ କେନ୍ଦ୍ର, ନିରାମୟ କେନ୍ଦ୍ରରେ ଔଷଧ ବଣ୍ଟନ ବୁଲି ଦେଖିବା ସହ ୬୦ ଜଣ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସହିତ ଆଲୋଚନା କରିଥିଲେ। ସେହିଭଳି ବିଭିନ୍ନ ୱାର୍ଡ଼ରେ ଥିବା ଆଟେଣ୍ଡାଣ୍ଟ ମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ମୋ ସରକାର ଲାଗୁ ହେବା ପରେ ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ଚାଲିଥିବା ସେମାନେ ଜାଣିବାକୁ ପାଇଥିଲେ। ସେହିଭଳି ଟିମ୍‌ର ଦୁଇ ଜଣ ଅଧିକାରୀ ଲାଇନ୍‌ରେ ଛିଡ଼ା ହୋଇ ଡାକ୍ତର ରୋଗୀମାନଙ୍କୁ କିପରି ବ୍ୟବହାର କରୁଛି ସେ ନେଇ ମଧ୍ୟ ନଜର ରଖିଥିଲେ। ସଦସ୍ୟମାନେ ଏହି ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିବେ ବୋଲି ଜଣାପଡ଼ିଛି।

# ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ : ଶିଖରପୁର କ୍ରିକେଟ କ୍ଲବ ବିଜୟୀ

**ନୟାଗଡ଼ ଅଫିସ, ୬।୧**

ମା ବାଉତୀ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ପଞ୍ଚରିଡ଼ା ମାନପୁର ଲୋକନାଥ ନୋଡ଼ାଲ ବିଦାପୀଠ ଠାରେ ୨୪ତମ ପଞ୍ଚାୟତସ୍ତରୀୟ କିକ୍ରେଟ ଟୁର୍ନାମେଣ୍ଟ ଚାଲୁ ରହିଛି। ସୋମାବାର ଦ୍ୱିତୀୟ ଦିବସରେ ଶିଖରପୁର କ୍ରିକେଟ କ୍ଲବ ଓ କଟରାଝରୀ କ୍ରିକେଟ କ୍ଲବ ମଧ୍ୟରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। କଟରାଝରୀ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ ହରାଇ ୧୩୪ ରନ ସଂଗ୍ରହ କରିଥିଲା। ଶିଖରପୁର ଦଳ ୧୩ ଓଭରରେ ୨ଟି ୱିକେଟ ହରାଇ ୧୩୬ ରନ କରି ବିଜୟୀ ହୋଇଥିଲେ। ଶିଖରପୁର ଦଳର ଖେଳାଳୀ ମାଷ୍ଟର ବାପି ୩୪ ବଲରେ ୭୩ ରନ କରି ଶ୍ରେଷ୍ଠ ଖେଳାଳୀ ଭାବେ ପୁରସ୍କୃତ ହୋଇଥିଲେ । ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ସ୍ୱାଇଁ ଅତିଥିଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ।

■ ରଣପୁର ମହୋତ୍ସବ ଅର୍ଜୁନ-ଦ୍ୱିତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନମୋହିଲେ 'ନଟିଆ'

**ରଣପୁର, ୬।୧ (ସ୍ୱ.ପ୍ର.)**


ମହୋତ୍ସବ କମିଟି ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


 କଳାକାର 'ନଟିଆ'।

ସ୍ଥାନୀୟ ବାଘସାଆନ୍ତ ପଡିଆର ମୁକ୍ତାକାଶ ରଙ୍ଗମଞ୍ଚରେ ରବିବାରଠାରୁ ଆରମ୍ଭ ହୋଇଛି ୧୫ତମ ରଣପୁର ମହୋତ୍ସବ ଅର୍ଜୁନ- ୨୦୨୦। ସୋମବାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ୟୁଟ୍ୟୁବ୍ କାର୍ଟୁନ ଶୋ ନଟିଆର ମୁଖ୍ୟ ଚରିତ୍ର ନଟିଆ ଓରଫ ସ୍ମୃତିରଞ୍ଜନ ଓ ଦୂରଦର୍ଶନ କଳାକାର ଶୁଭଶ୍ରୀ, ହାସ୍ୟ ଅଭିନେତ୍ରୀ ଐଶ୍ୱର୍ଯ୍ୟା ଓ ଚଳଚ୍ଚିତ୍ର ଅଭିନେତା ଆନ୍ନା ଶ୍ରୀଧରନ୍, ଫିଲ୍ମ ପ୍ରଯୋଜିକା ପ୍ରତିଭା ମହାନ୍ତି ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। କଳାକାରମାନେ ସେମାନଙ୍କ କଳା ପରିବେଷଣ କରିଥିଲେ। ନଟିଆ କାର୍ଟୁନର ବିଭିନ୍ନ କଳାକାରଙ୍କ କଣ୍ଠସ୍ୱର କରି ଦର୍ଶକଙ୍କ ମନମୁଗ୍ଧ କରିଥିଲେ ନଟିଆ ଓରଫ ସ୍ମୃତିରଞ୍ଜନ। ମଧ୍ୟାହ୍ନରେ ପରିବେଷିତ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା କୁଇଜ୍ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଚିତ୍ତାକର୍ଷକ ହୋଇଥିଲା। ରଣପୁର ସଙ୍ଗୀତ କଳା ବିଦ୍ୟାନିକେତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଗାନ, ସମ୍ବଲପୁରୀ ନୃତ୍ୟ, ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ଏହାକୁ ସଙ୍ଗୀତ କଳାନିକେତନର ଅଧ୍ୟକ୍ଷ ସତ୍ୟନାରାୟଣ ମହାପାତ୍ରଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା । ସନ୍ଧ୍ୟାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ନୟାଗଡ ଖାଉଟି କୋର୍ଟର ସଭାପତି ନାରାୟଣ ମହାପାତ୍ର ଯୋଗଦେଇଥିଲେ। ନୟାଗଡ ଆରକ୍ଷୀ ଅଧୀକ୍ଷକ ଶଶୀଭୂଷଣ ଶତପଥୀ, ରଣପୁର ବ୍ଲକ ଅଧକ୍ଷ୍ୟା ନିରୁପମା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ସୁଶାନ୍ତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିରଞ୍ଚି ନାରାୟଣ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ଇଂ ଦେବାଶିଷ ପଟ୍ଟନାୟକ ସଂଯୋଜନା କରିଥିଲେ। ସଭାପତିତ୍ୱ କରିଥିଲେ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ । ଧନ୍ୟବାଦ ଦେଇଥିଲେ ଏପିପି ବିରଞ୍ଚି ନାରାୟଣ ତ୍ରିପାଠୀ।